ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ପିସି ବିଦ୍ୟାମନ୍ଦିରରେ ୨୨୧ ଜଣ ଦେଲେ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷା

ରଘୁନାଥପୁର, ୧୯।୧୧( ଡି.ଏନ.ଏ.): ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ସୋମବାର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରୁ ୨୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଷ୍ଟେଜ୧(୬ଷ୍ଠ ଶ୍ରେଣୀ) ପାଇଁ ୭୨ ମଧ୍ୟରୁ ୬୨ ଜଣକ ଏବଂ ଷ୍ଟେଜ ୨ (ନବମ ଶ୍ରେଣୀ) ପାଇଁ ୧୫୯ ଜଣଙ୍କ ମଧ୍ୟରୁ ୧୪୯ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହୋଇ ପରୀକ୍ଷା ଦେଇଥିଲେ। ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବାବେଳେ ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରିଥିଲେ। ଅବଜରଭର ଭାବେ ଏବିଇଓ ମେନକା ମହାପାତ୍ର କେନ୍ଦ୍ରରେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ପରୀକ୍ଷା କେନ୍ଦ୍ରରେ ନିୟୋଜିତ ଥିଲେ।

### ଗୋକୁଳାନନ୍ଦ ସରସ୍ୱତୀଙ୍କ ଜନ୍ମ ଦିବସ

ନାଉଗାଁ,୧୯।୧୧(ସ୍ୱ.ପ୍ର.): ଜଗତ୍‌ସିଂହପୁର ସରାଧ୍ୱୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ସୋମବାର ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ୪୩ ତମ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରାତଃରେ ଯଥାରୀତି ପୂଜାର୍ଚ୍ଚନା କରାଯିବା ସହିତ ସନ୍ଥ ସମ୍ମିଳନୀ କରାଯାଇଥିଲା। ସମ୍ମିଳନୀରେ ସ୍ୱାମୀ ଅସିମାନନ୍ଦ ସରସ୍ୱତୀ, ମହନ୍ତ ଜଗନ୍ନାଥ ଦାସ, ବାବା ଦିବ୍ୟକୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇ ମନୁଷ୍ୟ ନିଜକୁ ଗୁରୁଙ୍କ ନିକଟରେ ସମର୍ପିତ କରିବା ଉଚିତ ବୋଲି କହିଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

କୁଜଙ୍ଗ,୧୯।୧୧(ସ୍ୱ.ପ୍ର.): ବିଗତ ୧୮ ବର୍ଷର ବିଜେଡି ଶାସନରେ କେବଳ ଦଳୀୟ ଭିତ୍ତିରେ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ବହୁ ଗରିବ ଲୋକ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭାଜପା ନେତା ସମ୍ପଦ ସ୍ୱାଇଁ। ମହ୍ଲାସାହି ପଞ୍ଚାୟତରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅବସରରେ ସେ ଏହା କହିଛନ୍ତି। ଏହି ଅବସରରେ ଅରଖିଆ, ଟେଣ୍ଟେଇକୁଦ, ମହ୍ଲାସାହୀ ଦେଇ ତାଳଦଣ୍ଡା ଓ ରୟତ ସାହୀ ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ଏହି ପଞ୍ଚାୟତରେ ବହୁ ରାସ୍ତା ଶୋଚନୀୟ ହୋଇପଡିଛି। ଲଗାଣ ବର୍ଷା ବେଳେ ଜଳ ନିଷ୍କାସନ ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ପଦଯାତ୍ରୀଙ୍କୁ ଅବଗତ କରାଇଥିଲେ। ଅପରାହ୍ନରେ ତାଳଦଣ୍ଡା ବିଲସାହୀ ଗ୍ରାମର ଦୁଷ୍ମନ୍ତ ପାତ୍ରଙ୍କ ଘରଠାରୁ ବାହାରି ତାଳଦଣ୍ଡା ବଜାରରେ ସମାବେଶ କରିଥିଲେ। ପଙ୍କପାଳ ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ହୋଇଥିବା ପଦଯାତ୍ରାରେ ପଞ୍ଚାୟତ ପ୍ରମୁଖ ଦିଲୀପ ପାତ୍ର, ବୁଥ ୧୦ର ସଭାପତି ଗୌରହରି ସ୍ୱାଇଁ, ଦିଲୀପ କୁମାର ପାଣି, ତପନ କୁମାର ଦାସ, ବୃନ୍ଦାବନ ଓଝା, ମଣ୍ଡଳ ସାଧାରଣ ସମ୍ପାଦକ ବିନମ୍ର ମଞ୍ଜୁଳ ସ୍ୱାଇଁ, କୃଷକ ମୋର୍ଚ୍ଚା ସଭାପତି ସାନନ୍ଦ ଚରଣ ସାହୁ, ଅନୁସୁଚିତ ଜାତି ମୋର୍ଚ୍ଚା ସଭାପତି ଗୋପୀନାଥ ସାହୁ, ରଘୁନାଥ ଦାସ, ସରୋଜ ଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ମୁଦୁଲି, ନିରଞ୍ଜନ ବିଶ୍ୱାଳ, ମହିଳା ମୋର୍ଚ୍ଚା ସଦସ୍ୟା ରତ୍ନ ମଞ୍ଜରୀ, ଗାୟତ୍ରୀ ଦାସ, ମାମୁନୀ ପ୍ରଧାନ, ମିନତୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମାଧପୁର ଗ୍ରାମ ପରିକ୍ରମା କରାଯାଇଥିଲା।

■ ପାରାଦୀପ କଲେଜର ନୂତନ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରସଙ୍ଗ

# ଦାମଙ୍କ ପାଖରେ ଅଟକିଛି ଫାଇଲ

ପାରାଦୀପ, ୧୯।୧୧ (ସ୍ୱ.ପ୍ର.)




■ଇଣ୍ଟରଭ୍ୟୁ ସରିଛି, ନିଯୁକ୍ତି ମିଳୁନି
■ନିରାଶ ହେଉଛନ୍ତି ଆଶାୟୀ ପ୍ରାର୍ଥୀ

ପାରାଦୀପ କଲେଜରେ ଏବେ ନୂତନ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଗତ ମାସ ୨୮ ତାରିଖରୁ ୧୧ଟି ପଦବୀ ପାଇଁ ଇଣ୍ଟରଭ୍ୟୁ ଶେଷ ହୋଇଥିଲେ ହେଁ ଏହାର ଫଳାଫଳ ସାର୍ବଜନୀନ ହୋଇନାହିଁ କି କାହାକୁ ନିଯୁକ୍ତି ମିଳିନାହିଁ। ଏହି ନୂତନ ନିଯୁକ୍ତିରେ କଲେଜ ଗଭର୍ଣ୍ଣିଂ ବଡି ସଭାପତି ତଥା ସ୍ଥାନୀୟ ବିଧାୟକ ଦାମୋଦର ରାଉତ କେଁ ପୁରାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ନିଯୁକ୍ତି ପ୍ରକ୍ରିୟାକୁ ପରିଚାଳନା କରିଥିବା ଗଭର୍ଣ୍ଣିଂ ବଡ଼ି ସମ୍ପାଦକ ତଥା କଲେଜ ଅଧ୍ୟକ୍ଷ ଗତ ମାସ ୩୧ରୁ ଅବସର ନେଇସାରିଲେଣି। ଏବେ କଲେଜର ଜଣେ ଅଧ୍ୟାପକଙ୍କୁ କାମଚଳା ଅଧ୍ୟକ୍ଷ ଦାୟିତ୍ୱ ମିଳିଛି। କିନ୍ତୁ ଆର୍ଥିକ କ୍ଷମତା ମିଳି ନ ଥିବାରୁ ସେ କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ଏମିତି ଗୋଳକ ଧନ୍ଦାରେ ଖାଲିଥିବା ପଦବୀ ପୂରଣ ହୋଇପାରୁନାହିଁ କି ଆଶାୟୀଙ୍କୁ ନିଯୁକ୍ତି ମିଳୁନାହିଁ। ୪୦ ବର୍ଷର ରାଜନୈତିକ ଜୀବନରେ ବିଧାୟକ ରାଉତ ପ୍ରଥମ କରି ୫ ମାସ ହେଲା ଗଭର୍ଣ୍ଣିଂ ବଡି ସଭାପତି ପଦରେ ରହିଛନ୍ତି। ତେବେ ପରିବର୍ତ୍ତିତ ରାଜନୈତିକ ପାଣିପାଗ ତଥା ବିଜେଡିରୁ ବହିଷ୍କୃତ ହେବା ପରେ ବିଧାୟକ ରାଉତଙ୍କର ଆଉ ଆଗଭଳି ପ୍ରଭାବ ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ବିଧାୟକ ଭାବେ ସେ ଯେଉଁ ସବୁ କ୍ଷେତ୍ରରେ ଭିନ୍ନ ଭିନ୍ନ ପଦବୀରେ ଅଛନ୍ତି, ତାହାକୁ ନେଇ ବିବାଦ ମୁଣ୍ଡ ଟେକିବାରେ ଲାଗିଛି। କଳିଙ୍ଗ ବାଲିଯାତ୍ରା କମିଟିଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି କମିଟି ସଦସ୍ୟ, ରୋଗୀ କଲ୍ୟାଣ ସମିତି ସଭାପତି, କଲେଜର ସଭାପତି ଆଦି ପଦବୀରେ ସେ ଅଛନ୍ତି। ଏହି ସବୁ ପଦବୀ ଏବେ ଶାସକ ଓ ପ୍ରଶାସକଙ୍କ ପାଇଁ ଅଡୁଆ ସୃଷ୍ଟି କଲାଣି।

ସୂଚନାଯୋଗ୍ୟ ଯେ, କଲେଜର ଇଂଲିଶ, ଇତିହାସ, ଅର୍ଥନୀତି, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ପଦବୀ ସହ ୩ଟି ଲ୍ୟାବ ଆସିଷ୍ଟାଣ୍ଟ, ଜଣେ ଲ୍ୟାବ୍ ଆଟେଣ୍ଡାଣ୍ଟ, ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ସୁଇପର ପାଇଁ ଗତ ଅକ୍ଟୋବର ୨୩ରେ ବିଜ୍ଞପ୍ତି ବାହାରିଥିଲା। ଏହି ସବୁ ପଦବୀ ପାଇଁ ଅକ୍ଟୋବର ୨୮ରେ ଇଣ୍ଟରଭ୍ୟୁ ମଧ୍ୟ ହୋଇଥିଲା। ଉକ୍ତ ଇଣ୍ଟରଭ୍ୟୁ ରେଜଲ୍ଟକୁ ସମ୍ପାଦକ ତଥା କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର ସେହିଦିନ ବିଧାୟକ ତଥା କଲେଜ ସଭାପତି ରାଉତଙ୍କ ଅନୁମୋଦନ ପାଇଁ ପଠାଇଥିଲେ। ଉକ୍ତ ରେଜଲ୍ଟକୁ ସଭାପତି ରାଉତ ଅନୁମୋଦନ କରିବା ପରିବର୍ତ୍ତେ ଫେରାଇ ଦେଇଛନ୍ତି ଏବଂ ସେଥିରେ ଦର୍ଶାଇଛନ୍ତି ଆସନ୍ତା ଗଭର୍ଣ୍ଣିଂ ବଡି ବୈଠକର ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ କଲେଜ ଅଧ୍ୟକ୍ଷ ପଦବୀ ଖାଲି ପଡିଛି। ଅପରପକ୍ଷେ ବିଜେଡି ସେପ୍ଟେମ୍ବର ୧୨ରେ ଦାମଙ୍କୁ ବହିଷ୍କୃତ କରିଛି। ଏପରିସ୍ଥିତିରେ ଦାମଙ୍କ କ୍ଷମତା ସଙ୍କୁଚିତ ହୋଇଥିବା କୁହାଯାଉଛି। ତେଣୁ ଆସନ୍ତା ବୈଠକ ବସିବ କି ନାହିଁ ତାହା ଅନିଶ୍ଚିତତାରେ ରହିଛି। ସେହିପରି ଇଣ୍ଟର୍ଭ୍ୟୁ ଓ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଆର୍ଥିକ ଅନିୟମିତତା ହୋଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ପାରାଦୀପ କଲେଜ ଗଭର୍ଣ୍ଣିଂ ବଡି ସଭାପତି ପଦବୀ ସ୍ଥାନୀୟ ବିଧାୟକଙ୍କ ପାଇଁ ଥିଲେ ମଧ୍ୟ ଦାମ ସେହି ପଦବୀରେ କେବେ ରହି ନଥିଲେ। ଉକ୍ତ ପଦବୀରେ ବନ୍ଦର ଅଧ୍ୟକ୍ଷ ରହୁଥିଲେ। କାରଣ କଲେଜର ଜାଗାଠାରୁ ଆରମ୍ଭ କରି ସମସ୍ତ ଭିତ୍ତିଭୂମି ବନ୍ଦର କର୍ତ୍ତୃପକ୍ଷ ବହନ କରିଥାନ୍ତି। ସେଥିପାଇଁ ବିଧାୟକ ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ନାମ ସୁପାରିଶ କରିଥାନ୍ତି। ଗତ ୩ ବର୍ଷ ହେଲା କଲେଜରେ କେତେଜଣ ଅଧ୍ୟାପକଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିବାବେଳେ ଅଧ୍ୟକ୍ଷ ପଦରେ ଥିବା ବ୍ୟକ୍ତିମାନେ ଦାମଙ୍କୁ ଅଣଦେଖା କରୁଥିଲେ। ସେହିପରି କଲେଜ ଛାତ୍ର ସଂସଦ ନିର୍ବାଚନରେ ଦାମ ଗୋଷ୍ଠୀ ବ୍ୟତିରେକ ବିରୋଧୀ ଗୋଷ୍ଠୀ ସକ୍ରିୟ ରହିବାରୁ ଦାମ ବିଗିଡିଯାଇଥିଲେ। ତେଣୁ ବର୍ଷେ ହେଲା ସେ କ୍ଷମତାରେ ରହିବାକୁ ପ୍ରୟାସ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଯେତେବେଳେ ତାଙ୍କୁ କଲେଜ କ୍ଷମତା ମିଳିଲା, ଠିକ୍ ସେତିକିବେଳେ ରାଜନୈତିକ କ୍ଷମତା ସଙ୍କୁଚିତ ହୋଇଗଲା। ଏମିତି ଭାବେ କଲେଜର ନୂତନ ନିଯୁକ୍ତି ପ୍ରକ୍ରିୟାରେ ଏବେ ପୁଣି ରାଜନୀତି ପଶିଲାଣି। ଏଥିଯୋଗୁ ଶୈକ୍ଷିକ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ନୂତନ ନିଯୁକ୍ତି ପ୍ରକ୍ରିୟା ଓ ନିଯୁକ୍ତି ସ୍ଥଗିତ ରହିବା ପ୍ରସଙ୍ଗରେ ତତ୍କାଳୀନ ଅଧ୍ୟକ୍ଷ ତଥା ସମ୍ପାଦକ ସୁରେନ୍ଦ୍ର ମୋହନ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଯାହାକିଛି ନିଷ୍ପତ୍ତି ନିଆଯାଇଛି ବା କରାଯାଇଛି ସବୁ କଥା ସଭାପତିଙ୍କୁ ଅବଗତ କରାଯାଇଛି ଓ ଲିଖିତ ଭାବେ ସ୍ୱୀକୃତି ମିଳିଛି। ଏବେ ସଭାପତି କାହିଁକି ସ୍ଥଗିତ ରଖିଛନ୍ତି ମୁଁ ଜାଣିନି। ବିନା ସଭାପତିଙ୍କ ଅନୁମୋଦନରେ ଇଣ୍ଟରଭ୍ୟୁରେ ସିଲେକ୍ସନ୍ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିପାରିବ ନାହିଁ। ଏବେ ମୁଁ ଅବସର ନେଇସାରିଛି। ପରବର୍ତ୍ତୀ ପଦକ୍ଷେପ ଗଭର୍ଣ୍ଣିଂ ବୈଠକରେ କର୍ମକର୍ତ୍ତାମାନେ ଯାହା ନିଷ୍ପତ୍ତି ନେବେ ବୋଲି ମିଶ୍ର କହିଛନ୍ତି।



ହାଜିପୁର ଜଗନ୍ନାଥ ମଠ ପରିସର ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣ।

## ରାଧାକୃଷ୍ଣ ମନ୍ଦିରରେ ଅଁଳା ନବମୀ

ବିରିଡ଼ି,(ଡି.ଏନ.ଏ.)/ବାଲିଆ,୧୯।୧୧

ବିରିଡ଼ି ବ୍ଲକ ହାଜିପୁର ଜଗନ୍ନାଥ ମଠ ପରିସର ରାଧାକୃଷ୍ଣ ମନ୍ଦିରରେ ଶନିବାର ଅଁଳା ନବମୀ ଓ ଶ୍ରୀରାଧାଙ୍କ ପାଦ ଦର୍ଶନ ଅନୁଷ୍ଠିତ ହୋଇଛି। ଏଥିପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ସନ୍ଧ୍ୟାରେ ଗୋପାଳ ଭାଇମାନଙ୍କ ଦ୍ୱାରା ଲଉଡ଼ି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ, ଧାନକୁଦ ଜଗନ୍ନାଥ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦି, ମନ୍ଦିର ମୁଦିରସ୍ତ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପୂଜକ ପ୍ରଭାତ କୁମାର କର ସମସ୍ତ ପୂଜା ଅର୍ଚ୍ଚନା ବିଧିବିଧାନରେ କରିଥିଲେ। କାର୍ଯ୍ୟକ୍ରମକୁ ଅଶୋକ କୁମାର ଜେନା, ବିଷ୍ଣୁ ପ୍ରସାଦ କର, ମିର ଆଜମିର ଅଲ୍ଲୀ, ଡ. ସୁରେଶ ଚନ୍ଦ୍ର ଜେନା, ରମେଶ ଚନ୍ଦ୍ର ନନ୍ଦି, ଦ୍ୱାରିକା ନାଥ ସାହୁ, ବିଷ୍ଣୁ ଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମିଶ୍ର, ପ୍ରତାପ ମହାରଣା, ହେମନ୍ତ କର, ପ୍ରଶାନ୍ତ ଭୂୟାଁ, ଚନ୍ଦନ ଜେନା, ଅକ୍ଷୟ ଜେନା, ଜମ୍ବେଶ୍ୱର ବେଉରା, ବନବିହାରୀ ବରାଳ, ଶତୃଘ୍ନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଧାନକୁଦ ଜଗନ୍ନାଥ ମନ୍ଦିରରେ ଥିବା ହବିଷ୍ୟାଳିମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଶ୍ରୀରାଧାଙ୍କ ପାଦ ଦର୍ଶନ କରିଥିଲେ।

■ ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି

# ୧୦୮ ଅଭିଯୋଗ, ୮୫ ସମାଧାନ

ଜଗତ୍‌ସିଂହପୁର ଅଫିସ,୧୯।୧୧



ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ସୋମବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତିଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ମୋଟ ୧୦୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୮୫ ଅଭିଯୋଗର ଶୁଣାଣି କରାଯାଇଥିଲା। ଅଭିଯୋଗଗୁଡିକ ମଧ୍ୟରେ ଇନ୍ଦିରାଆବାସ/ବିଜୁ ପକ୍କାଘର ସମ୍ପର୍କିତ ୨୧, ରାଶନ କାର୍ଡ ୧୪, ଭତ୍ତା ୬, ଆଇନ ସହାୟତା ୯, ଚାକିରି/ବ୍ୟାଙ୍କ ଋଣ ୮, ଜମିଜମା ୯, ଘରଡିହ ସମ୍ପର୍କିତ ୭ ଓ ଅନ୍ୟାନ୍ୟ ୧୧ଟି ଅଭିଯୋଗ ରହିଛି। ସେହିପରି ଗାଁ ସମସ୍ୟା ସମ୍ପର୍କିତ ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୧ ଜଣଙ୍କୁ ସହାୟତା ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇବା ପାଇଁ ୧୦ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୬୨ ଅଭିଯୋଗର ଶୁଣାଣି ପରେ ସଙ୍ଗେ ସଙ୍ଗେ ଫଏସଲା ହୋଇଥିଲା। ଶିବିରରେ ଏସ୍‌ପି ପ୍ରକାଶ ଆର୍, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଜଗତ୍‌ସିଂହପୁର ବିଡିଓ, ତହସିଲଦାର, ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ରଞ୍ଜନ କୁମାର ଦାସ, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଗାରୋଇ ହାଇସ୍କୁଲରେ ବିଜ୍ଞାନମେଳା

ନାଉଗାଁ,୧୯।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଜ୍ଞାନ ଶିକ୍ଷକ ହଟକିଶୋର ବିଶ୍ୱାଳ ଓ ସୁନିଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ୩୩ ପ୍ରକଳ୍ପ ପଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୩ ପ୍ରକଳ୍ପ ମନୋନୀତ ହୋଇଥିଲା। ଏଥିରେ ଓମ୍‌ପ୍ରକାଶ ସ୍ୱାଇଁ ୧ମ, ରାଜନନ୍ଦିନୀ ମହାରଣା ୨ୟ, ଅରକ୍ଷିତ ବିଶ୍ୱାଳ ୩ୟ ସ୍ଥାନ ଅଧିକାରୀ କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଶିକ୍ଷକ ପ୍ରମୋଦ କୁମାର ମହାନ୍ତି, ରବୀନ୍ଦ୍ର ମହାନ୍ତ, ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

### ସାଗର ମହାପାତ୍ରଙ୍କୁ ନବରତ୍ନ ସମ୍ମାନ

ତିର୍ତ୍ତୋଲ,୧୯।୧୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ଭଁସର ଗ୍ରାମର ସାମାଜିକ କର୍ମୀ ତଥା କଟକସ୍ଥିତ ସାବରମତି ଜେନେରାଲ ହସ୍ପିଟାଲର ପ୍ରତିଷ୍ଠାତା ସାଗର ମହାପାତ୍ରଙ୍କୁ ନବରତ୍ନ ସମ୍ମାନ ୨୦୧୮ରେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ ଥିବା ଅବଦାନ ପାଇଁ କଟକ ଜିଲା ସାଲେପୁର ବ୍ଲକ ବୋଇଲ ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ଶାସ୍ତ୍ରୀଜୀ କଲ୍‌ଚରାଲ ଆସୋସିଏଶନ ତରଫରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡା, ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ପରିଡା, ସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଇନ୍ଦିରା ଗାନ୍ଧୀ ଜୟନ୍ତୀ

ନାଉଗାଁ,୧୯।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ନାଉଗାଁ ବଜାରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତି ମୂର୍ତ୍ତିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ସୁନିଲ ମାଟିଆ, ପ୍ରସନ୍ନଜିତ ସାହୁ, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ମାଲ୍ୟାପଣ କରିବା ସହିତ ତାଙ୍କର ଆଦର୍ଶ ଜୀବନୀ ଉପରେ ଆଲୋଚନା କରିଥିଲେ।




ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ଜନତା ନୋଡାଲ ବିଦ୍ୟାପୀଠରେ ବିଜ୍ଞାନ ମେଳା

କୁଜଙ୍ଗ,୧୯।୧୧(ସ୍ୱ.ପ୍ର.)

ଛାତ୍ର ଜୀବନରୁ ବିଜ୍ଞାନ ଓ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି ହେବା ଆବଶ୍ୟକ। ବିଜ୍ଞାନର ଅମାପ ଶକ୍ତି, ସ୍ୱପ୍ନ ଓ ସମ୍ଭାବନାକୁ ଗରିବ କଲ୍ୟାଣ, ଶାନ୍ତି ତଥା ନିଜର ସୁରକ୍ଷା ପାଇଁ ଉପଯୋଗ କରିବା ଉଚିତ। କୁଜଙ୍ଗ ବ୍ଲକ୍ ଜନତା ନୋଡାଲ ବିଦ୍ୟାପୀଠ ଝିମାଣିଠାରେ ଆୟୋଜିତ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରି ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସୂତାର ଏହି ମତବ୍ୟକ୍ତ କରିଛନ୍ତି। ଏହି ସ୍କୁଲର ବିଜ୍ଞାନ ଶିକ୍ଷକ ଜାନକୀ ବଲ୍ଲଭ ମହାନ୍ତି, ମିଲିବାଳା ଦାସ ଓ ନୀଳିମା ସ୍ୱାଇଁଙ୍କ ପୌରୋହିତ୍ୟରେ ହୋଇଥିବା ବିଜ୍ଞାନ ମେଳାରେ ୧ମରୁ ୧୦ମ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ଧିରେନ୍ଦ୍ର କୁମାର ତ୍ରିପାଠୀ, ଇନ୍ଦୁରେଖା ଦାସ, ସାଗରୀକା ଧଳ, ରଞ୍ଜିତା ମହାପାତ୍ର, ଆଶୁତୋଷ ମୁଦୁଲି, ଚନ୍ଦ୍ରକାନ୍ତ ବାରିକ, ରାମନାରାୟଣ ନାୟକ, ଅନୁଜୟ ସାମଲ, ସୁନନ୍ଦା ଆଚାର୍ଯ୍ୟ, ଲୋକନାଥ ବେହେରା, ପ୍ରୀତିରଞ୍ଜନ ଦାସଙ୍କ ସହ ଦିଲୀପ ସ୍ୱାଇଁ, ମଧୁସୂଦନ ସ୍ୱାଇଁ, ଅକ୍ଷୟ କୁମାର ସାହୁ, ମହେଶ୍ୱର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## କାର୍ତ୍ତିକେଶ୍ୱର ପୂଜା ଉତ୍ସବ





ବିରିଡ଼ି ବ୍ଲକ ବଡ଼ ଖଣ୍ଡଏତା, ବେଲେଶ୍ୱରପୁର ମଲିକ ସାହି ଓ ତଡଲାପଡ଼ା ଲାୟନ୍ସ କ୍ଲବ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ଅବସରରେ ହୋଇଥିବା ପୂଜା ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି।



ତିର୍ତ୍ତୋଲସ୍ଥିତ ଖଣ୍ଡାଳୋଠାରେ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି।



“ଯୋଗ୍ୟ ଲୋକର କାମ ବହୁ ସମୟ ପରେ ଯାଇ ଆଦୃତ ହୋଇଥାଏ।
- ଆଲ୍‌ବର୍ଟ ଆଇନଷ୍ଟାଇନ୍



## ସଂକ୍ଷେପରେ

### ଟ୍ରକ ଧକ୍କାରେ ଜଣେ ମୃତ

**ରସୁଲପୁର,୧୯।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବାରବାଟୀ-ଓଡ଼ଙ୍ଗ ବଜାର ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡ଼ିଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ନିକଟସ୍ଥ ରେକାବୀ ବଜାରର ବିଜୟ ସିଂ (୫୨) ବୋଲି ଜଣାପଡ଼ିଛି। ବିଜୟ ଦୀର୍ଘ ବର୍ଷ ଧରି ଏକ ଚା’ ଦୋକାନରେ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ସେ ସାଇକେଲରେ କ୍ଷୀର ଆଣି ରାସ୍ତା ପାର ହେଉଥିଲା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ଖବର ପାଇ ଦୁର୍ଘଟଣାସ୍ଥଳରୁ ସାଇକେଲ ଜବତ କରିବା ସହ ମୃତଦେହଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ମୋବାଇଲ ଚୋରି ଅଭିଯୋଗ
### ଦୁଇ ନାବାଳକଙ୍କୁ ପୋଲିସ ଜିମା ଦେଲେ ଗାଁ ଲୋକେ

**ରସୁଲପୁର,୧୯।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ହାଟ ନିକଟସ୍ଥ ଖେଳ ପଡିଆରେ ଗାଁର ଯୁବକମାନେ ଖେଳୁଥିବା ବେଳେ ସୋମବାର ସନ୍ଧ୍ୟାରେ ଦୁଇଜଣ ନାବାଳକ ମୋବାଇଲ ଚୋରି କରି ଫେରାର ହୋଇଯାଉଥିବା ବେଳେ ଧରାପଡି ଯାଇଥିଲେ। ଚୋରଙ୍କୁ କାବୁ କରି ପିଲାମାନେ ପୋଲିସକୁ ଜିମା ଦେଇଥିଲେ। ପୋଲିସ ମୋବାଇଲ ଚୋର ଦୁଇଜଣଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି। ରିପୋର୍ଟ ଲେଖାହେବା ବେଳକୁ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଆଶିଷ ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କଲଣ ଓ ସିଂହାପୁର ଗାଁର ପିଲାମାନେ ମଧୁପୁର ହାଇସ୍କୁଲ ଖେଳପଡିଆରେ ଖେଳୁଥିଲେ। ପିଲାମାନେ ସେମାନଙ୍କ ମୋବାଇଲକୁ ପଡିଆର ଏକ ପାଖରେ ଥୋଇ ଦେଇଥିଲେ। ଏହି ସମୟରେ ଦୁଇ ଜଣ ପିଲା ଘଟଣାସ୍ଥଳରେ ସିଂହାପୁର ଗାଁର ଗୁଡୁ ନାମକ ଜଣେ ପିଲାର ମୋବାଇଲ ଚୋରି କରି ନେଇ ପଳାଇ ଯାଉଥିଲେ। ଏ ସମ୍ପର୍କରେ ଖେଳ ଦେଖୁଥିବା ଜଣେ ପିଲା ତାଙ୍କୁ ଖବର ଦେଇଥିଲେ। ଏହାଜାଣି ପିଲାମାନେ ତାଙ୍କୁ ପିଛା କରି ନାବାଳକ ନିକଟରୁ ମୋବାଇଲ ଜବତ କରିବା ସହ ମାଡ ମାରିଥିଲେ। ଏ ସମ୍ପର୍କରେ କୁଆଖିଆ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଁଚି ନାବାଳକଙ୍କୁ ଧରି ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି। ଚୋର ପିଲା ଦୁଇଜଣ ଘୁଷୁରି ଚାଳକଙ୍କର ପିଲା ବୋଲି ଜଣାପଡିଛି।

### ବଙ୍ଗଳା ସରକାର ବଙ୍କିମ୍‌ଙ୍କୁ ଅଣଦେଖା କରିଛି
### ରସଗୋଲା ମିଠା ବିବାଦ ଅନୁଚିତ: ସଜୋଳ

**ଯାଜପୁର ଅଫିସ,୧୯।୧୧:** ଓଡ଼ିଶା ଓ ବଙ୍ଗଳା ଭାଇ-ଭାଇ ଭଳି। ବଙ୍କିମଚନ୍ଦ୍ର ଚାଟାର୍ଜୀ ଏତେବଡ଼ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିଲେ ମଧ ବଙ୍ଗଳା ସରକାର ତାଙ୍କୁ ସେଭଳି ସମ୍ମାନ ପ୍ରଦାନ କରିପାରି ନାହିଁ। ବନ୍ଦେ ମାତରମ୍‌ର ସ୍ରଷ୍ଟା ତଥା ପ୍ରଶାସକ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଅଣନାତି ସଜୋଳ ଚାଟାର୍ଜୀ ଏହା କହିଛନ୍ତି। ଚଳିତ ଯାଜପୁର ଜିଲା ମହୋତ୍ସବରେ ମରଣୋତ୍ତର ଭାବେ ବଙ୍କିମ୍‌ଚନ୍ଦ୍ର ଚାଟାର୍ଜୀଙ୍କୁ ଯଯାତି ସମ୍ମାନ ଗ୍ରହଣ କରିବା ଅବସରରେ ଏନେଇ ସଜୋଳ କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କର ପରିବାର ଭାବେ ବର୍ତ୍ତମାନ ପୀଢ଼ିଙ୍କୁ ବଙ୍ଗଳା ସରକାର ଗୁରୁତ୍ୱ ନ ଦେବା ଦୁଃଖଦ ଘଟଣା। ତେବେ ଯାଜପୁର ଜିଲା ପ୍ରଶାସନ ଯଯାତି ସମ୍ମାନ ପ୍ରଦାନ କରି ପୂଜ୍ୟପୂଜାର ସମ୍ମାନ ପ୍ରଦର୍ଶନ କରିଛନ୍ତି। ଏହି ସମ୍ମାନ ତାଙ୍କୁ ବହୁ ଆନନ୍ଦ ଦେବା ସହ ବଙ୍ଗଳାକୁ ଗର୍ବିତ କରିଛି ବୋଲି ସଜୋଳ କହିଛନ୍ତି। ରସଗୋଲା ବିବାଦ ଉପରେ ପ୍ରତିକ୍ରିୟା ରଖି ସେ ଉଭୟ ମିଠା ତା ସ୍ଥାନରେ ସ୍ୱତନ୍ତ୍ର ଓ ଏଥିରେ କୌଣସି ବିବାଦ ଅନୁଚିତ ବୋଲି ସେ କହିଥିଲେ। ସଜୋଳ ଯାଜପୁରକୁ ଆସି ଖୁବ୍ ଆନନ୍ଦିତ। ଏହିଠାରୁ ଯେଉଁ ପ୍ରେରଣା ହାସଲ କରିଥିଲେ ତାହା ତାଙ୍କ ଲେଖା ମାଧ୍ୟମରେ ବିଶ୍ୱବିଦିତ ହୋଇପାରିଥିଲା। କର୍ମକ୍ଷେତ୍ର ଯାଜପୁରରେ ବଙ୍କିମଙ୍କ ସ୍ମୃତି ରଖିବା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ସଜୋଳ ବଙ୍କିମଙ୍କ ଜୀବନ ପୁସ୍ତକ, ଭିଡ଼ିଓ ସିଡି ଓ ପୁରାତନ ଫଟୋଗ୍ରାଫ ଉପହାର ଦେଇଥିଲେ। ଏହି ପ୍ରଦାନ ସମୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ୭ମ ଜିଲା ମହୋତ୍ସବ ଉଦ୍‌ଘାଟିତ
# ‘ଯାଜପୁରରେ ବିକାଶର ଧାରା ଜାରି ରହିଛି’



ଜିଲା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିରଜାକ୍ଷେତ୍ର,୧୯।୧୧(ଡି.ଏନ୍.ଏ)**

ବୈତରଣୀ ନଦୀକୂଳରେ ଅବସ୍ଥିତ ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ସୋମବାର ସନ୍ଧ୍ୟାରେ ଯାଜପୁର ଜିଲାର ୭ମ ଜିଲା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ଓଡ଼ିଆଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ତଥା ଯାଜପୁର ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ନିମନ୍ତେ ପ୍ରୟାସ ଜାରି ରହିଥିବା କହିଥିଲେ। ଯାଜପୁର ଜିଲା ପୁଣ୍ୟ, ସଂସ୍କୃତି ଓ ଐତିହ୍ୟର ଭୂମି ଅଟେ। ଐତିହ୍ୟ, ସଂସ୍କୃତି ଓ ଧାର୍ମିକ ମନୋଭାବ ଯାଜପୁରରେ ଭରି ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ଯାଜପୁର ଜିଲାରେ ବିକାଶର ଧାରା ଆଗେଇ ଚାଲିଛି। କୁସୁମା ପୋଖରୀକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଉନ୍ନତି ନିମନ୍ତେ ବିକାଶର ଧାରା ଆଗେଇ ଚାଲିଛି ବୋଲି ପଣ୍ଡା କହିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ତଥା ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ଅତୀତର ଗୌରବମୟ ଗାରିମା ସଂସ୍କୃତି ଐତିହ୍ୟ ଆମର ସମ୍ପତ୍ତି ଓ ଗୌରବର ବିଷୟ ବୋଲି କହିଥିଲେ। ଯାଜପୁର ଜିଲା ସ୍ୱତନ୍ତ୍ର ଭାବେ ସାରା ରାଜ୍ୟରେ ପରିଚୟ ସୃଷ୍ଟି କରିଛି। କୁସୁମା ପୋଖରୀ ଯାଜପୁର ସହରର ଅତୀତ ଓ ବର୍ତ୍ତମାନ ସଂସ୍କୃତିକୁ ବିକାଶର ପରିଚୟ ଦେଇଛି ବୋଲି ଶତପଥି କହିଥିଲେ।

### ଯୋଗ ଦେଲେନି ୨ ବିଧାୟକ

୭ମ ଜିଲା ମହୋତ୍ସବରେ ବରୀ ବିଧାୟକ ଦେବାଶିଷ ନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗ ଦେଇ ନ ଥିଲେ। ଯାହାକି ମହୋତ୍ସବସ୍ଥଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ଏମ୍‌ପି ରୀତା ତରାଇ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ସମସ୍ତଙ୍କ ସହଯୋଗରେ ମହୋତ୍ସବ ସଫଳ ହେଉଛି। ସଂସ୍କୃତି, ଐତିହ୍ୟ, ଭାଇଚାରାର ପ୍ରତୀକ ଯାଜପୁର ସହର। ଯାହାର ସୁଯୋଗ ନେଇ ସଫଳତାର ସହ ବିକାଶର ଧାରା ଜାରି ରହିବା ସହ ଅନେକ ଉତ୍ସବ ପାଳନ କରାଯାଉଛି ବୋଲି କହିଥିଲେ। ମହୋତ୍ସବ ମାଧ୍ୟମରେ ଯାଜପୁର ଜିଲା ସାରା ଓଡ଼ିଶାର ସଂସ୍କୃତି ସହିତ ଯୋଡ଼ି ହୋଇଯାଇଛି। ବିକାଶ ସହିତ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ସହିତ ଜିଲା ବଢ଼ିଚାଲିଛି ବୋଲି ଦାସ କହିଥିଲେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଯାଜପୁର ଜିଲାରେ କୃଷି, କୃଷକ, ମହିଳା, ଶ୍ରମିକ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ପ୍ରଭୃତି ବିକାଶର ଧାରା ଜାରି ରହିଛି ବୋଲି ମଲ୍ଲିକ କହିଥିଲେ। ଉଦ୍‌ଘାଟନୀ ଉତ୍ସବର ପ୍ରାରମ୍ଭିକ ସଙ୍ଗୀତ ଦିନେଶ ମଲ୍ଲିକ ଓ ତାଙ୍କର ସାଥୀ ଦ୍ୱାରା ପରିବେଷଣ କରାଯାଇଥିଲା। ଜିଲା ମହୋତ୍ସବର ମୁଖପତ୍ର ଯଯାତିକୁ ସମ୍ମାନିତ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ।

### ଦୂତୀ ଓ ସଜୋଳଙ୍କୁ ଯଯାତି ସମ୍ମାନ

ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁରର ନାମକୁ ସାରା ବିଶ୍ୱରେ ପରିଚିତ କରାଇଥିବା ଦୌଡ଼ରାଣୀ ଦୂତୀ ଚାନ୍ଦଙ୍କୁ ଯଯାତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାଙ୍କୁ ଶାରିରୀକ, ମାନସିକ ଓ ବୌଦ୍ଧିକ ଶିକ୍ଷା ଦେଲେ ସେମାନେ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବେ ବୋଲି ଦୂତୀ କହିଥିଲେ। ସେହିପରି ବନ୍ଦେ ଉତ୍କଳ ଜନନୀର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କୁ ମରଣୋତ୍ତର ଭାବେ ଯଯାତି ସମ୍ମାନରେ ତାଙ୍କର ଅଣନାତି ସଜୋଳ ଚନ୍ଦ୍ର ଚାଟାର୍ଜୀଙ୍କୁ ସମ୍ମାନିତ କରାଯାଇଥିଲା।



ଦୂତି ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



### ସ୍ୱରର ଯାଦୁରେ ଦର୍ଶକଙ୍କୁ ବାନ୍ଧିଲେ ଉଦିତ୍

ମୁମ୍ବାଇର ଖ୍ୟାତନାମା ଗାୟକ ଉଦିତ ନାରାୟଣ ତାଙ୍କର ଯାଦୁଗରୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସଂଗୀତକୁ ମନଭରି ଉପଭୋଗ କରିଥିଲେ ଦର୍ଶକ। ଉଦ୍‌ଘାଟନୀ ଉତ୍ସବରେ ରାଜନେତା, ଜନପ୍ରତିନିଧି, ପ୍ରଶାସକଗଣ, ପ୍ରକାଶକ କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ଜନସାଧାରଣ ଯୋଗଦାନ କରିଥିଲେ।

## ଡୁବୁରୀଠାରେ ମହିଳା ସମାବେଶ
# ‘ଶାସନ ନାମରେ ଠକାମିକୁ ବରଦାସ୍ତ କରାଯିବ ନାହିଁ’

**ଡୁବୁରୀ,୧୯।୧(ଡିଏନଏ)**

ଡୁବୁରୀ ମନ୍ଦିର ପଡିଆରେ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ବିଶାଳ ମହିଳା ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଏଥିସହ ଶାସନ ନାମରେ ଠକାମୀକୁ ଆଉ ଲୋକେ ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ପିଛା ୪ଶହ ଟଙ୍କା ଥିବା ବେଳେ ମୋଦିଙ୍କ ଶାସନରେ ହଜାରେ ଟଙ୍କରେ ପହଞ୍ଚିଛି। ରାଜ୍ୟର କୃଷକଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୯ଶହ ଟଙ୍କା ପ୍ରଦାନ କରିବା ଘୋଷଣା ଏକ ମିଥ୍ୟା ନିର୍ବାଚନୀ ଘୋଷଣା। ରାଜ୍ୟ ସରକାର ମଧ କୃଷକଙ୍କ ପାଇଁ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି ବୋଲି ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଯୁବପିଢୀଙ୍କୁ ସ୍ୱାଭିମାନ ହେବା ପାଇଁ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ସମାବେଶରେ ଦେଶର ସର୍ବକନିଷ୍ଠ ଏମ୍‌ପି ତଥା ଆସାମ ଲୋକସଭା ସଦସ୍ୟ ଗୌରବ ଗୋଗେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରରେ ମୋଦି ଓ ରାଜ୍ୟରେ ନବୀନ ସରକାରଙ୍କୁ ହଟାଇ କଂଗ୍ରେସ ଶାସନ ପ୍ରତିଷ୍ଠା କରି ଏକ ଦୃଢ ଓ ମଜଭୁତ ଶାସନ ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ମହିଳା କଂଗ୍ରେସ ଅଧ୍ୟକ୍ଷା ସୁମିତ୍ରା ଜେନା, ରାଣୀ ମନୋଜ ମଞ୍ଜରୀ ଦେବୀ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ବନ୍ଦିତା ପରିଡା, ଆରତୀ ସ୍ୱାଇଁ ଦିପ୍ତୀରେଖା ମିଶ୍ର, ସୁକିନ୍ଦା ବ୍ଲକ ମହିଳା କଂଗ୍ରେସ ସଭାପତି ସ୍ୱପ୍ନା ବେହୁରା, ଦାନଗଦୀ ବ୍ଲକ ମହିଳା ସଭାନେତ୍ରୀ ପ୍ରତିଭା ବଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସୁକିନ୍ଦା ଓ ଦାନଗଦୀ ବ୍ଲକ ମହିଳା କମିଟି ଆନୁକୂଲ୍ୟରେ ସମାବେଶ ଆୟୋଜିତ ହୋଇଥିଲା। ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରାଙ୍କ ନେତୃତ୍ୱରେ ଗୋବରଘାଟି ଛକ ନିକଟରୁ ଅତିଥିଙ୍କୁ ଏକ ବିଶାଳ ରାଲିରେ ସଭାସ୍ଥଳକୁ ଅଣାଯାଇଥିଲା।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
# ୨୩୯ ପ୍ରକଳ୍ପ ପାଇଁ ୭.୧୮ କୋଟି ଟଙ୍କା ଅନୁମୋଦନ

**ବରୀ/ରତ୍ନଗିରି, ୧୯।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ବରୀ ବ୍ଲକସ୍ତରୀୟ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ସୋମବାର ବରୀ ଦରଘା ପ୍ରଧାନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ୍ ଓ କେତେଜଣ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି। ଏ ନେଇ ବରୀ ରାଜନୀତି ସରଗରମ ହୋଇଉଠିଛି। ଗାଁର ବିକାଶ ନିମନ୍ତେ ୨୯ ପଞ୍ଚାୟତ ପାଇଁ ୭ କୋଟି ୧୮ଲକ୍ଷ ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଅନୁମୋଦନ କରିଛନ୍ତି। ଏଥିରେ ୨୩୯ ପ୍ରକଳ୍ପ ଅନୁମୋଦନ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବରୀ ପଞ୍ଚାୟତ ପାଇଁ ସର୍ବାଧିକ ୩୬ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ଜଣାପଡିଛି। ଗମୁ ପଞ୍ଚାୟତକୁ ସର୍ବନିମ୍ନ ୧୯ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ଗୋଷ୍ଠୀକେନ୍ଦ୍ର ନିର୍ମାଣ ଉଦ୍ଦେଶ୍ୟରେ ସମସ୍ତ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କୌଣସି ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି ଗୃହ, ପାଠାଗାର ମରାମତି ପାଇଁ ଅର୍ଥ ଆସି ନ ଥିବା ଜଣାପଡିଛି। ତେବେ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମୋବାଇଲ ମିଳିବା ଉଦ୍ଦେଶ୍ୟରେ କେତେଜଣ ମହିଳା ଆସିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ମୋବାଇଲ ମିଳିବାର କୌଣସି ବ୍ୟବସ୍ଥା ନ ଥିଲା ବୋଲି ଜଣାପଡିଛି। କମ୍ପଗଡର ଶଶୀରେଖା ପଣ୍ଡା କୁହନ୍ତି, ମୋବାଇଲ ମିଳିବ ବୋଲି ତାଙ୍କ ଗ୍ରାମର କେତେଜଣ ବିଜୁ ଯୁବବାହିନୀ କର୍ମୀ କହିଥିଲେ। ମୋବାଇଲ ନ ମିଳିବାରୁ ମହିଳାମାନେ ନିରାଶ ହୋଇ ଫେରିଥିବା କୁହାଯାଇଛି। ବିଧାୟକ ଦେବାଶିଷ ନାୟକ ଉପସ୍ଥିତ ରହି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ବିଡିଓ ପ୍ରଭାସ ରଞ୍ଜନ ବେଉରା ଉପସ୍ଥିତ ରହିଥିଲା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ବିଡିଓ ବେଉରାଙ୍କୁ ପଚାରିବାରେ, ଅଧ୍ୟକ୍ଷା, ସମସ୍ତ ସଭ୍ୟାସଭ୍ୟ, ସରପଞ୍ଚମାନଙ୍କୁ ୨ ଦିନ ପୂର୍ବରୁ ଚିଠି କରାଯାଇଥିଲା ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଅଧ୍ୟକ୍ଷା ସୁନନ୍ଦା ଦାସଙ୍କୁ ପଚାରିବାରେ, ଆମ ଗାଁ ଆମ ବିକାଶ ପାଇଁ ୨୯ ପଞ୍ଚାୟତରେ ପଞ୍ଚାୟତ ସମିତି ବୈଠକ କରାଯାଇ ପ୍ରକଳ୍ପ ଦିଆଯାଇଥିଲା। କିନ୍ତୁ ଏଗୁଡିକ ଅନୁମୋଦନ କରାଗଲା ନାହିଁ। ସେଥିପାଇଁ ତାଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ତାଙ୍କୁ ଅନୁପସ୍ଥିତ ରହିବାକୁ ପଡ଼ିଲା ବୋଲି କହିଥିଲେ।

### ଯୋଗଦେଲେନି ବ୍ଲକ ଅଧ୍ୟକ୍ଷା



ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବିଜୁ ଗ୍ରାମୀଣ ବଜାର ଗୃହ ବଣ୍ଟନରେ ଚଞ୍ଚକତା
# ବିନା ବିଜ୍ଞାପନରେ ବାଣ୍ଟିଦେଲେ ଘର, ବଞ୍ଚିତ ଆବେଦନକାରୀ

**ଦଶରଥପୁର,୧୯।୧୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ବଜାରସ୍ଥିତ ଥାଲକୁଡ଼ି ମୌଜାରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବିଜୁ ଗ୍ରାମୀଣ ବଜାର ଗୃହଗୁଡ଼ିକୁ ବିନା କୌଣସି ବିଜ୍ଞାପନରେ କିଛିଦିନ ତଳେ ଲୋକଙ୍କ ମଧ୍ୟରେ ବଣ୍ଟାଯାଇଥିବା ଜଣାପଡ଼ିଛି। ତେବେ ଏହି ବଜାର ଗୃହ ବଣ୍ଟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣଭାବେ ଚଞ୍ଚକତା କରାଯାଇଥିବା ନେଇ ଥାଲକୁଡି ପୂର୍ବତନ ସରପଞ୍ଚ ଶଶଧର ବେହୁରିଆ ଏବଂ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକ ଯାଜପୁର ଜିଲାପାଳଙ୍କୁ ଲିଖିତଭାବେ ଅଭିଯୋଗ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ବଜାର ଗୃହ ବଣ୍ଟନର ନିୟମାବଳୀ ସମ୍ପର୍କରେ ଜାଣିବା ପାଇଁ ଥାଲକୁଡ଼ି ପଞ୍ଚାୟତର ଶଙ୍କର୍ଷଣ ଜେନା ଗତ କିଛିଦିନ ତଳେ ଉକ୍ତ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ୍ ପ୍ରଶାସନକୁ ଆରଟିଆଇରେ ତଥ୍ୟ ମାଗିଥିଲେ। ମାତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ସାହୁ ତାଙ୍କ ପାଖକୁ ପଠାଇଥିବା ତଥ୍ୟ ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ବୋଲି ଶଙ୍କର୍ଷଣ କହିଛନ୍ତି।

ପ୍ରକାଶ ଯେ, ସୂଚନା ଅଧିକାର ଆଇନ୍ ବଳରେ ସରକାରୀ କାର୍ଯ୍ୟାଳୟରୁ କୌଣସି ବିଷୟରେ ତଥ୍ୟ ମଗାଗଲେ ବିଭାଗୀୟ ଅଧିକାରୀ ଉକ୍ତ ବିଭାଗର ଷ୍ଟାମ୍ପ ଲଗାଇ ସୂଚନା ପ୍ରଦାନ କରିଥାନ୍ତି। ନିୟମାନୁଯାୟୀ ସୂଚନା ଅଧିକାର ଆଇନ୍ ଫର୍ମରେ କରାଯାଇଥିବା ପ୍ରଶ୍ନ ପତ୍ରର ନକଲ କପି ଦେଇ ଏଥିସହ ଉତ୍ତର କାଗଜ ସଂଲଗ୍ନ କରି ସରକାରୀ ଷ୍ଟାମ୍ପ ଉପରେ ଦସ୍ତଖତ ମରାଯିବା କଥା। ମାତ୍ର ଥାଲକୁଡି କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ ଏକ ସାଦା କାଗଜରେ ୧ରୁ ୪ ପର୍ଯ୍ୟନ୍ତ ସିରିଏଲ୍ କରି ଉତ୍ତର ଲେଖି ଡାକଯୋଗେ ପଠାଇଥିବା ବେଳେ ଉକ୍ତ ଲେଖାନାମା ଉପରେ କୌଣସି ସରକାରୀ ଷ୍ଟାମ୍ପ ନ ଥିବା ଯୋଗୁ ପଠାଯାଇଥିବା ତଥ୍ୟ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୦୪ ଜାନୁୟାରୀ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାଲକୁଡି ପଞ୍ଚାୟତ ଥାଲକୁଡି ମୌଜାରେ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପ ଓ ବିଜୁ ଗ୍ରାମୀଣ ବଜାର ନାମରେ ୨ ମେଗା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ୨୦୦୬-୦୭ ଆର୍ଥିକ ବର୍ଷରେ ଏହି ବଜାର ଗୃହର କାମ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଗୃହ ବଣ୍ଟନ ଉପରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିଲା। ହେଲେ କିଛିମାସ ତଳେ ବିନା ପ୍ରଚାର ପ୍ରସାର ଓ ବିଜ୍ଞାପନରେ ଚଞ୍ଚକତା କରାଯାଇ ପ୍ରଶାସନ ପକ୍ଷରୁ ଗୃହ ବଣ୍ଟନ କରାଯାଇଥିବାରୁ ଇଚ୍ଛୁକ ହିତାଧିକାରୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨ ମହଲା ବିଶିଷ୍ଟ ୩୬ ବଖରା ଥିବା ବଜାର ବଣ୍ଟନ କରିବା ଲାଗି ଜଣେ ପ୍ରଭାବଶାଳୀ ନେତ୍ରୀ ଓ ପ୍ରଶାସନିକ ଅଧିକାରୀ ମୋଟା ଅଙ୍କର ଉତ୍କୋଚ ନେଇ ଚଞ୍ଚକତା କରି ଗୃହ ବଣ୍ଟନ କରିଥିବା ଶୁଣିବାକୁ ମିଳିଛି। ରାଜ୍ୟ ସରକାର ଦିବ୍ୟାଙ୍ଗ ଓ ବେକାର ଯୁବତୀଯୁବକଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ଉଦ୍ଦେଶ୍ୟରେ କମ୍ ଭଡାରେ ଘର ଯୋଗାଇ ସେମାନଙ୍କୁ ରୋଜଗାରକ୍ଷମ କରିବାକୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ସରକାରଙ୍କ ଏପରି ମହତ ଉଦ୍ଦେଶ୍ୟକୁ ପ୍ରଶାସନିକ ଅଧିକାରୀ କିପରି କାର୍ଯ୍ୟକ୍ଷମ କରୁଛନ୍ତି, ମଙ୍ଗଳପୁର ବିଜୁ ଗ୍ରାମୀଣ ବଜାର ବଣ୍ଟନରେ ହୋଇଥିବା ଚଞ୍ଚକତାକୁ ଅନୁଧ୍ୟାନ କଲେ ଅନୁମାନ କରିହେବ। ଏ ନେଇ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ବଜାର ଗୃହ ବଣ୍ଟନ ପାଇଁ ବ୍ଲକ୍ ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଜିଲାପରିଷଦଙ୍କ ସହ ସ୍ଥାନୀୟ ସରପଞ୍ଚଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କମିଟିର ନିଷ୍ପତ୍ତି ଅନୁଯାୟୀ ଗୃହ ବଣ୍ଟନ କରାଯାଇଥିବା କହିଥିଲେ।



OLM (NRLM JAJPUR DRDA) Memo No 202 dt 20.03.2013

ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଆର୍‌ଟିଆଇ ପ୍ରଶ୍ନର ଉତ୍ତର।

### ଦଶରଥପୁର ବ୍ଲକ

- ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ବିଜୁ ଗ୍ରାମୀଣ ବଜାର
- ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ନେଇ ସନ୍ଦେହ



ଯେଉଁ ଲୋକ ଖୁସି ମନରେ ଖାଏ,
ସେ ନିଶ୍ଚିତ ଦୀର୍ଘାୟୁ ହୁଏ।
- ଫ୍ରାନ୍‌ସିସ୍ ବାକନ୍



## ସୁକିନ୍ଦା ଓଏମ୍‌ସି ଖଣିର ସମ୍ପ୍ରସାରଣ

# ପରିବେଶ ଅନୁମତି ପୂର୍ବରୁ କଟିଛି ୧୦ହଜାର ଗଛ

- ପ୍ରାୟ ୭୦ପ୍ରତିଶତ ମୂଲ୍ୟବାନ ଶାଳ ଗଛ ଥିଲା
- ପ୍ରତିବାଦକାରୀଙ୍କୁ ଧମକାଇ ହାସଲ ହୋଇଛି କାର୍ଯ୍ୟ

ଯାଜପୁର ଅଫିସ,୧୯।୧୧

ଅହେତୁକ ଉତ୍ତାପ ବୃଦ୍ଧି ସହ ଯାଜପୁର ଜିଲା ଖଣି ଓ ଶିଳ୍ପାଞ୍ଚଳରେ ପ୍ରଦୂଷଣ ଉତ୍କଟ ହେଉଛି। ଏଥିପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ଖଣି ଓ ଶିଳ୍ପ କାରଖାନା ପ୍ରତିଷ୍ଠା କିମ୍ବା ସମ୍ପ୍ରସାରଣ ପାଇଁ ଜନଶୁଣାଣିର ବ୍ୟବସ୍ଥା ହୋଇଛି। ଜନଶୁଣାଣି ସଫଳ ହେବା ପରେ ସରକାର ପରିବେଶ ଅନୁମତି ଦିଅନ୍ତି। ଏହାପରେ ଖଣି କିମ୍ବା ଶିଳ୍ପ ସମ୍ପ୍ରସାରଣ ଓ ପ୍ରତିଷ୍ଠା ହୋଇଥାଏ। କିନ୍ତୁ ସରକାରୀ ଖଣି ସଂସ୍ଥା ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି) ଜନଶୁଣାଣି ପୂର୍ବରୁ ପରିବେଶ ଅନୁମତି ନ ଥାଇ ପ୍ରାୟ ୧୦ହଜାର ମୂଲ୍ୟବାନ ବଡ ବଡ ଗଛ କାଟି ଦେଇଛି। ପରେ କେତେଜଣ ରାଜନୈତିକ ପ୍ରଭାବଶାଳୀ ଲୋକଙ୍କ ସମର୍ଥନରେ ଗତ ୯ରେ ଜନଶୁଣାଣି ସଫଳ ହେଲା ବୋଲି ଓଏମ୍‌ସି ଧରି ନେଇଛି। ଏଥିରେ ଏସ୍‌ପିସିବି ଓ ଜିଲା ପ୍ରଶାସନ ଏକପ୍ରକାର ସହଯୋଗୀ ପାଲଟିଛି।



ଜିଲାରେ ବନ ବିଭାଗ ସଂରକ୍ଷିତ ଜଙ୍ଗଲଗୁଡିକରୁ କାଠ ଚୋରା ଚାଲାଣ ରୋକିବାରେ ବିଫଳ ହୋଇଥିବାବେଳେ ଖଣି ଅଞ୍ଚଳରେ ପରିବେଶ ଅନୁମତି ବିନା ୧୦ହଜାରରୁ ଊର୍ଦ୍ଧ୍ୱ ଗଛକଟା ସମ୍ପର୍କରେ ଜାଣି ପାରିନାହିଁ। ଜିଲାର ସୁକିନ୍ଦା ତହସିଲ ଅଧୀନରେ ଓଏମ୍‌ସିର ସୁକୁରଙ୍ଗି କ୍ରୋମାଇଟ ଖଣିର ସମ୍ପ୍ରସାରଣ ପାଇଁ ଗତ ୯ତାରିଖରେ କାଳିଆପାଣି ପଥରବଣି ମାଇନିଂ କନଫରେନ୍ସ ହଲଠାରେ ଜନଶୁଣାଣି ସମ୍ପନ୍ନ ହୋଇଛି। ଓଏମ୍‌ସିର ବାର୍ଷିକ କ୍ରୋମାଇଟ ଉତ୍ପାଦନ କ୍ଷମତା ୧.୩ଲକ୍ଷ ଟନ୍‌ରୁ ୩ଲକ୍ଷ ଟନ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବ ରହିଛି। ଏଥିପାଇଁ ୯,୪୯୯ ମୂଲ୍ୟବାନ ଗଛ କଟାଯିବ ବୋଲି ଓଏମ୍‌ସି ପକ୍ଷରୁ ପ୍ରସ୍ତୁତ ପରିବେଶ ପ୍ରଭାବ ମୂଲ୍ୟାୟନ ଓ ପରିବେଶ ପରିଚାଳନା ଯୋଜନା ସାରମର୍ମରେ ଦର୍ଶାଯାଇଛି। କିନ୍ତୁ ଏହି ଜନଶୁଣାଣି ଅୟୋଜନ ହେବାର ୮ମାସ ପୂର୍ବରୁ କାର୍ପୋରେଶନ ଦ୍ୱାରା ୧୦ ହଜାର ଗଛ କଟାଯାଇଥିଲା। ୪ମାସ ପକାଇ ରଖିବା ପରେ କର୍ପୋରେଶନ ସେହି କଟା ଗଛଗୁଡ଼ିକୁ ଉଠାଇଥିଲା । ଏଥିରେ ପ୍ରାୟ ୭୦ ପ୍ରତିଶତ ମୂଲ୍ୟବାନ ଶାଳ ଗଛ ଥିଲା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏନେଇ ପରୁଣାପାଣି ଅଞ୍ଚଳର କେତେକ ଗ୍ରାମବାସୀ ପ୍ରତିବାଦ କରିଥିଲେ । ହେଲେ ରାଜନୈତିକ ଲିଙ୍କ ଥିବା ଓଏମସିର ଜଣେ କର୍ମଚାରୀ ଓଏମସିର କାର୍ଯ୍ୟରେ କୌଣସି ପ୍ରତିବାଦ କଲେ ଖଣିରେ କାହାରିକୁ କାମ ଦିଆଯିବ ନାହିଁ ବୋଲି ଧମକ ଦେବା ପରେ ପେଟପାଟଣା ପାଇଁ ଲୋକେ ନୀରବି ଯାଇଥିଲେ। ଫଳରେ ନିୟୋଜିତ କର୍ପୋରେଶନ ଶାଳ, ଅସନ, ମହୁଲ, କରମ, ଅର୍ଜ୍ଜୁନ, ଆମ୍ବ ଆଦି ପ୍ରକାରର ୧୦ହଜାରରୁ ଊର୍ଦ୍ଧ୍ୱ ଗଛ କାଟି ଦେଇଥିଲେ। ଓଏମ୍‌ସି ସରକାରୀ ସଂସ୍ଥା ହୋଇଥିବାରୁ ସମସ୍ତ ପ୍ରଶାସନିକ ଅଧିକାରୀ ଏଥିରେ ସହଯୋଗୀ ପାଲଟିଥିଲେ। ପରିବେଶଗତ ଅନୁମତି ଅଛି କି ନାହିଁ ସେ ନେଇ ମଧ ତଦନ୍ତ କରି ନ ଥିଲେ। ଢେଙ୍କାନାଳର ବଳରାମପୁରରେ ବିୟର ଫ୍ୟାକ୍ଟ୍ରି ପାଇଁ ଗଛ କଟାକୁ ତୁରନ୍ତ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବାରୁ ଏଭଳି ପଦକ୍ଷେପ ନିଆଯାଇଛି। କିନ୍ତୁ ଓଏମ୍‌ସି କ୍ଷେତ୍ରରେ ଗରିବ ଆଦିବାସୀ ଅସହାୟ ଗ୍ରାମବାସୀଙ୍କୁ ଧମକାଇ ଡରାଇ ନିଯୁକ୍ତି ମିଳିବ ନାହିଁ ବୋଲି ବ୍ଲାକମେଲିଂ କରୁଥିବାରୁ କେହି ବିରୋଧ କରିବାର ସାହାସ ଜୁଟାଇ ପାରିନାହାନ୍ତି। ଫଳରେ ହଜାର ହଜାର ଗଛ ଟଳି ପଡିଛି। ଜଙ୍ଗଲ ଉପରେ ନିର୍ଭର କରୁଥିବା ପୁରୁଣାପାଣି, ଗରମିଆଁ, ପନାସିଆ, ରଗଡା, ପଥରବଣି ଆଦି ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ମହୁଲ ଗଛରୁ ମହୁଲ ସଂଗ୍ରହ କରି କେତେକ ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଆଉ ମହୁଲ ପ୍ରାୟ ମିଳିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଖଣିର ସମୁଦାୟ ୨୬୭.୨୧ ହେକ୍ଟର ଜଙ୍ଗଲ ଜମିରୁ ୧୦୪.୭୯ ହେକ୍ଟର ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି । ଅବଶିଷ୍ଟ ୧୬୨.୪୨ ହେକ୍ଟର ଜଙ୍ଗଲ ଜମିର ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ଓଏମ୍‌ସିକୁ ମିଳିସାରିଛି। ତେବେ ପରିବେଶୀୟ ମଞ୍ଜୁରୀ ପାଇଁ ଗତ ଜୁନ ୨୦, ୨୧ ଓ ୨୨ରେ ଏବଂ ନଭେମ୍ବର ୯ରେ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଛି। ଜୁନରେ ଅନୁଷ୍ଠିତ ଜନଶୁଣାଣିକୁ ପନାସିଆ ଓ ରଗଡ଼ା ଗ୍ରାମବାସୀ ସମ୍ପୂର୍ଣ୍ଣ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ ଖଣି ପରିଚାଳକ ଅବନି ପଧାନଙ୍କୁ ଜନଶୁଣାଣି ସମୟରେ ପଚରାଯିବାରୁ, ଓଏମ୍‌ସିର ସମସ୍ତ କାର୍ଯ୍ୟ ଆଇନ ଅନୁସାରେ ଚାଲିଛି। ଗଛ ଯେଉଁ ପରିମାଣରେ କଟିଛି ତାର ୫ଗୁଣ ଅଧିକ ବୃକ୍ଷରୋପଣ ହୋଇଛି ବୋଲି କହିଥିଲେ।

## ବରୁଣେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ:ସେମିରେ ଜଗତପୁର

ଚଣ୍ଡିଖୋଲ,୧୯।୧୧(ଡି.ଏନ.ଏ.)–

ବଡଚଣା ବ୍ଲକ ଅନ୍ତର୍ଗତ କାଞ୍ଜିଆସ୍ଥିତ କେ.ଏମ.ସି ପଡିଆଠାରେ ବରୁଣେଶ୍ୱର ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୮ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଛତିଆ ଓ ଜଗତପୁର କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଛତିଆ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଜଗତପୁର ୮ ଉଇକେଟ ବିନିମୟରେ ୨୧୧ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ନାରାୟଣ ଦାସ ଓ କାଶିନାଥ ଯେନା ଖେଳ ପରିଚାଳନା କରିଥିଲେ। ସ୍ପୋର୍ଟ ଆଣ୍ଡ କଲଚରାଲ ଆସୋସିଏଶନର ସଦସ୍ୟ ବିଶ୍ୱରଞ୍ଜନ ରାଉତ,ବନଜ ଗୋଚ୍ଛାୟତ, କୁର୍ତ୍ତିବାସ ପ୍ରଧାନ, ମନୋଜ ରଣା, କିରଣ ପ୍ରଧାନ, ପ୍ରସନ୍ନଜିତ ପ୍ରଧାନ ଓ ଚିନ୍ମୟ ରାଉତ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳବାର ବଞ୍ଚା ସୁକିନ୍ଦା ଓ ପିସିସି ଛତିଆ ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଫେରାର

କଳିଙ୍ଗନଗର, ୧୯।୧୧(ଡି.ଏନ୍.ଏ.)- ଦାନଗଦୀ ଫାଣ୍ଡି ଅନ୍ତର୍ଗତ ମାନପୁର ସୁଆଁଳ ଗ୍ରାମର ଆଦିବାସୀ ସାହିରେ ଜଣେ ନାବାଳିକାଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ସମ୍ପୃକ୍ତ ଯୁବତୀଙ୍କ ପିତା ଦାନଗଦୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୮୬/୧୮) ରୁଜୁ କରି ନାବାଳିକାଙ୍କ ବୟାନ ରେକର୍ଡ ପାଇଁ କୋର୍ଟରେ ହାଜର କରିଥିବାବେଳେ ଅଭିଯୁକ୍ତ ଫେରାର ରହିଥିବା ଫାଣ୍ଡି ଅଧିକାରିଣୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଗ୍ରାମର ଥିବା ଏକ ଦୋକାନକୁ ସମ୍ପୃକ୍ତ ନାବାଳିକା ଜଣଙ୍କ ଯାଇଥିଲେ। ଏହି ସମୟରେ ଗ୍ରାମର ସମ୍ଭୁ ମୁଣ୍ଡା (୨୩) ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ । ଏ ନେଇ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

### ହାଇଦ୍ରାବଦରେ ଦାଦନ ଖଟୁଛନ୍ତି ୨ ନାବାଳକ: ଥାନାର ଦ୍ୱାରସ୍ଥ ହେଲେ ପରିବାର

କାଳିଆପାଣି, ୧୯।୧୧(ଡି.ଏନ୍.ଏ.)- କାଳିଆପାଣି ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଅରଡ଼ାପାଳ ଗ୍ରାମର ସୁଦର୍ଶନ ଦେହୁରୀଙ୍କ ପୁଅ ଚିଙ୍ଗୁଡ଼ିପାଳ ସ୍କୁଲର ୭ମ ଶ୍ରେଣୀ ପାଠ ପଢନ୍ତି। ଅରାଡ଼ାପାଳ ଗ୍ରାମର ଜମ୍ବିରା କେଳେଇଙ୍କ ପୁଅ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କାନ୍ତୁଲ ହାଇସ୍କୁଲରେ ୯ ଶ୍ରେଣୀ ରେ ପାଠ ପଢୁଥିଲେ । ଗତ ୩ ତାରିଖରେ ସ୍କୁଲକୁ ଆସି ଆଉ ଫେରି ନ ଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ଉଭୟଙ୍କ କୌଣସି ଖବର ପାଇ ନ ଥିଲେ। ଫୋନ୍ ଯୋଗେ ଉଭୟ ହାଇଦ୍ରାବାଦସ୍ଥିତ ଏକ ସଂସ୍ଥାରେ ଦାଦନ ଖଟୁଥିବା ଜାଣିବାକୁ ପାଇଥିଲେ । ନାବାଳକଙ୍କ ଦୁହେଁଙ୍କ ଉଦ୍ଧାର ପାଇଁ ପରିବାର ଲୋକ ସୋମବାର କାଳିଆପାଣି ଥାନାରେ ଶ୍ରମ ଅଧିକରୀ ଉଦେଶ୍ୟ ନିବେଦନ କରିଥିବା ଜଣାପଡ଼ିଛି।

### ବଟି ଆଦାୟକୁ ନେଇ ଶୋ'ରୁମ୍‌ରେ ମାରପିଟ୍, ଥାନାରେ ମାମଲା

କୋରେଇ,୧୯।୧୧(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ବେଣାପୁର ଛକରେ ଥିବା ମାରୁତୀ ଶୋ'ରୁମ୍‌ରେ ପଶି ସୋମବାର କେତେଜଣ ଯୁବକ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାର୍‌ପିଟ୍ କରିଛନ୍ତି। ଏ ନେଇ ଶୋ'ରୁମ୍ ମ୍ୟାନେଜର ରାକେଶ କୁମାର ଅଗ୍ରୱାଲ କୋରେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ପୋଲିସ ଏକ ମାମଲା(୨୩୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ୧୭ ତାରିଖରେ ସନ୍ଧ୍ୟାରେ ତାଲୁଙ୍ଗା ଗ୍ରାମର ଅଜୟ କୁମାର ରାଉତ, କଣ୍ଟାଚିରା ଗ୍ରାମର ସିପନ ମହାନ୍ତି, ତେନ୍ତୁଲିଖୁଣ୍ଟା ଗ୍ରାମର ନିଞ୍ଜା ମଲିକ ଶୋ'ରୁମରେ ପଶି କର୍ମଚାରୀଙ୍କୁ ବଟି ମାଗିଥିଲେ। ସେମାନେ ବଟି ନ ଦେବାରୁ ଶୋ'ରୁମ୍ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିସହ ଦୀପକ ବେହେରା ନାମକ ଜଣେ କର୍ମଚାରୀଙ୍କ କାର୍ ଭାଙ୍ଗିଦେବା ସହ ଅନ୍ୟ ୪ କାର୍ ଭାଙ୍ଗି ଦେଇଥିଲେ।

## ଦାଦା-ଝିଆରୀ ପ୍ରେମ ସମ୍ପର୍କର କରୁଣ ପରିଣତି

# ନାବାଳିକାଙ୍କ ମୃତ୍ୟୁ, ଦାଦା ଗୁରୁତର

ବିଞ୍ଝାରପୁର/ସିଂହପୁର, ୧୯।୧୧(ଡି.ଏନ.ଏ)

ସମ୍ପର୍କୀୟ ଦାଦା ଓ ନାବାଳିକା ଝିଆରୀଙ୍କ ପ୍ରେମ ସମ୍ପର୍କର କରୁଣ ପରିଣତି ଦେଖିବାକୁ ମିଳିଛି। ସେମାନଙ୍କ ସମ୍ପର୍କକୁ ପରିବାର ପକ୍ଷରୁ ତୀବ୍ର ବିରୋଧ ହେବା ପରେ ଉଭୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମାତ୍ର ନାବାଳିକାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଦାଦାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛି ବିଞ୍ଝାରପୁର ପୋଲିସ। ଏଭଳି ଏକ ଘଟଣା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତର ଦଶଘରିଆ ଦଳିତ ସାହିରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଦଳିତ ସାହିର ଧିରେନ୍ଦ୍ର ମଲ୍ଲିକ(୨୭)ଙ୍କର ତାଙ୍କ ସମ୍ପର୍କୀୟ ଝିଆରୀ (୧୫)ଙ୍କ ସହ ଦୀର୍ଘ ୩ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଏହାକୁ ଉଭୟ ପରିବାର ତୀବ୍ର ବିରୋଧ କରୁଥିଲେ। ତେବେ ସୋମବାର ଭୋର ୪ଟାରେ ନାବାଳିକାଙ୍କ ବାପା ଥାନାରେ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ତାଙ୍କ କହିବାନୁଯାୟୀ, ରବିବାର ରାତିରେ ତାଙ୍କ ଝିଅ କେଉଁଆଡେ ଚାଲିଯାଇଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ରାତି ୩ଟାରେ ଧିରେନ୍ଦ୍ରଙ୍କ ଘରେ ଝିଅର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ ଓ ସେଠାରେ ଧିରେନ୍ଦ୍ର ତଳେ ପଡ଼ି ଛଟପଟ ହେଉଥିଲେ। ପୋଲିସ ଅଭିଯୋଗ ପାଇବା ପରେ ସୋମବାର ଭୋର୍ ସମୟରେ ଧିରେନ୍ଦ୍ରଙ୍କ ଘରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହିତ ଧିରେନ୍ଦ୍ରଙ୍କୁ ଗିରଫ କରି ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ବିଞ୍ଝାରପୁର ଥାନାରେ ଏକ ମାମଲା (ନଂ- ୨୬୭/୧୮) ରୁଜୁ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ବିଭିନ୍ନ ଆଲୋଚନା କରାଯାଉଥିବା ବେଳେ ଚାପା ଉତ୍ତେଜନା ଲାଗି ରହିଥିବା ଜଣାପଡ଼ିଛି। ଦାଦା ଝିଆରୀଙ୍କ ପ୍ରେମ ସମ୍ପର୍କକୁ ବିରୋଧ କରାଯାଉଥିବାରୁ ସେମାନେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ମାତ୍ର ଧିରେନ୍ଦ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ ବୋଲି କୁହାଯାଉଛି। ଦାଦା ଝିଆରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ମଧ ଚର୍ଚ୍ଚା ହେଉଛି। ତେବେ ପୋଲିସ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି।

## ଜୋର ଜବରଦସ୍ତି ରାସ୍ତା ନିର୍ମାଣକୁ ବନ୍ଦ କଲା ପୋଲିସ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୯।୧୧(ଡି.ଏନ.ଏ/ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଗୋପବନ୍ଧୁ ଗ୍ରାମୀଣ.ଯୋଜନାରେ ଜୋର ଜବରଦସ୍ତ ଏକ ରାସ୍ତାର ଢଳେଇ କାମ ଆରମ୍ଭ କରିଥିଲେ। ଏ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ବାଲିଚନ୍ଦ୍ରପୁର ଥାନାଧିକାରୀ ସୋମବାର ଘଟଣାସ୍ଥଳରେ ପହଞ୍ଚି ରାସ୍ତା କାମ ବନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ପତରାଜପୁର ଗ୍ରାମରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨ ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ ତରଫରୁ ଏକ ରାସ୍ତା କାର୍ଯ୍ୟ କରାଯିବାର ଥିଲା। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏହି କାର୍ଯ୍ୟାଦେଶ ଥିଲାବେଳେ ଉକ୍ତ ଗ୍ରାମର କିଶୋର ବିଶ୍ୱାଳଙ୍କୁ କାମରେ ସହଯୋଗ କରିବାକୁ କହିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ଓ ବିଜେଡି ସଭାପତି ମଧ କନିଷ୍ଠ ଯନ୍ତ୍ରୀଙ୍କୁ ସହଯୋଗ କରିବାକୁ କିଶୋରଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏ ନେଇ ପତରାଜପୁରର ସରପଞ୍ଚଙ୍କ ସ୍ୱାମୀ କିଶୋରଙ୍କୁ ଗାଳିଗୁଲଜ କରିବା ସହ ନିଜେ ଜୋର ଜବରଦସ୍ତ ରାସ୍ତାର ଢଳେଇ କାମ ଆରମ୍ଭ କରିଥିଲେ। ବିନା ମାପଚୁପରେ ଏହି ରାସ୍ତା କାର୍ଯ୍ୟ କରିବା ନେଇ କିଶୋର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସେ ବଡ଼ଚଣା ବିଡିଓ ଏବଂ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ମଧ ସୋମବାର ଲିଖିତ ଅଭିଯୋଗ ସୋମବାର କରିଛନ୍ତି। ଅଭିଯୋଗ ପାଇବା ପରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି କାର୍ଯ୍ୟାଦେଶକୁ ରଦ୍ଦ କରିବା ସହ ଏହାର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

## ୮ମ ଦିନରେ ଗଣଧାରଣା

# ସାମିଲ ହେଲେ ବରିଷ୍ଠ ନାଗରିକ ମଞ୍ଚ, ସତ୍ୟନାରାୟଣ ସେବକ ସଙ୍ଘ



ଧାରଣାସ୍ଥଳରେ ବସିଥିବା ବରିଷ୍ଠ ନାଗରିକ ମଞ୍ଚ ଓ ସେବକ ସଂଘ ସଦସ୍ୟ ।

କୋରେଇ,୧୯।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ସୋମବାର ୮ମ ଦିନରେ ପହଞ୍ଚିଛି । ସୋମବାର ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ଓ ପାଣିକୋଇଲି ବାଲିଦାଣ୍ଡ ସତ୍ୟନାରାୟଣ ସେବକ ସଙ୍ଘ ଧାରଣାରେ ସାମିଲ ହୋଇଥିଲା । ସେବକ ସଙ୍ଘ ପକ୍ଷରୁ ବାଲିଦାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଧାରଣାସ୍ଥଳରେ ପହଞ୍ଚିବା ପରେ ଧାରଣାରେ ବସିଥିଲେ । ବରିଷ୍ଠ ନାଗରିକ ମଞ୍ଚ ସଭାପତି ଉପେନ୍ଦ୍ର ନାଥ ବେହୁରିଆଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଚନ୍ଦ୍ରମଣି ସାମଲ, ପ୍ରଫୁଲ୍ଲ କୁମାର ନାୟକ, ହରେକୃଷ୍ଣ ମଳିକ, ବଳରାମ ସେନାପତି, ସନାତମ ମଳିକ, ଯୁଧିଷ୍ଠିର ମଲ୍ଲିକ ଓ ସେବକ ସଙ୍ଘ ପକ୍ଷରୁ ପ୍ରମିଳା ମଳିକ, ଅହଲ୍ୟା ବାରିକ, ନନ୍ଦିନି ମଳିକ, ସରସ୍ୱତୀ ମଳିକ, ଜାନକଈ ମଳିକ, ସାବିତ୍ର ମଳିକ, ଅବଦୁଲ ସ୍ୱାହିନ ଖାଁ ପ୍ରମୁଖ ଉପସ୍ଥିତ ରହି ପାଣିକୋଇଲିରେ ମେଡିକାଲ କଲେଜ ଘୋଷଣା ପାଇଁ ଦାବି କରିଥିଲେ । ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ଶ୍ରମିକ ନେତା ଭ୍ରମରବର ରାଉତ, ବଟକୃଷ୍ଣ ସାହୁ, କବିୟତ୍ରୀ ବ୍ରଜେଶ୍ୱରୀ ସିଂହ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ଣ୍ଣାନନ୍ଦ ପରିଡା, ରାମ ଚନ୍ଦ୍ର ମାଝି, ଉପେନ୍ଦ୍ର ପାତ୍ର, ମଧୁ ରାୟ, ପ୍ରଶାନ୍ତ ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବା ସହ ପରିଚାଳନାରେ ସହଯୋଗ କରିଥିଲେ ।

## ବେନିୟମଭାବେ ୧୨ ହଜାର ହିତାଧିକାରୀଙ୍କୁ ଇନ୍ଧନ ଗ୍ୟାସ ଯୋଗାଣ

# ଦେବୀ ଗ୍ୟାସ ଉପରେ ୪୪ ଲକ୍ଷ ଟଙ୍କା ଜରିମାନା

ଯାଜପୁରରୋଡ,୧୯।୧୧(ନି.ପ୍ର.)

ଉଜ୍ଜ୍ୱଳା ଯୋଜନାରେ ବେନିୟମଭାବେ ୧୨ ହଜାର ହିତାଧିକାରୀଙ୍କୁ ଇନ୍ଧନ ଗ୍ୟାସ ଯୋଗାଣ କରିବା ନେଇ ଭାରତ ଗ୍ୟାସ ପକ୍ଷରୁ ଦେବୀ ଗ୍ୟାସ ଉପରେ ୪୪ ଲକ୍ଷ ଟଙ୍କା ଜରିମାନା ହୋଇଛି। କେନ୍ଦ୍ରସରକାର ଗରିବ ଓ ଦଳିତଙ୍କ ପାଇଁ ମାଗଣାରେ ଇନ୍ଧନ ଗ୍ୟାସ ଯୋଗାଇ ଦେଉଛନ୍ତି। କିନ୍ତୁ ଯାଜପୁରରୋଡ ଓ କୋରେଇ ଅଞ୍ଚଳରେ ଏହି ଯୋଜନାରେ ଅନିୟମିତତା ଦେଖାଦେଇଛି। ବେଆଇନ ଗ୍ୟାସ ଯୋଗାଣ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯିବା ପରେ ଦେବୀ ଗ୍ୟାସ ବେନିୟମଭାବେ ୧୨ହଜାର ହିତାଧିକାରୀଙ୍କୁ ଇନ୍ଧନ ଗ୍ୟାସ ଯୋଗାଇଥିବା ପ୍ରମାଣ ମିଳିଲା। ଏତଦବ୍ୟତୀତ ହିତାଧିକାରୀଙ୍କୁ ସବ୍‌ସିଡି ମଧ ମିଳୁନାହିଁ। ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡୁଥିବା ଅଭିଯୋଗ ହୋଇଛି। ସେହିପରି କୋରେଇରେ ୮ହଜାର, ପାଣିକୋଇଲିରେ ୮ହଜାର ଓ ଅନ୍ୟାନ୍ୟ ସ୍ଥାନରେ ଗ୍ୟାସ ଯୋଗାଣ କ୍ଷେତ୍ରରେ ଅନିୟମିତତା ଦେଖାଦେଇଛି। ଏହାର ତୁରନ୍ତ ତଦନ୍ତ କରାଯିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ଜିଲାପାଳଙ୍କ ମିଳିତ ଜନଶୁଣାଣି

# ୧୩୮ ତତ୍କାଳ ସମାଧାନ

ଧର୍ମଶାଳା, ୧୯।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ପରିସରରେ ସୋମବାର ଜିଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ୩୫୧ଟି ଅଭିଯୋଗ ମଧ୍ୟରୁ ଜିଲାପାଳ ରଞ୍ଜନ କୁମାର ଦାସ ୧୩୮ଟିର ତତ୍କାଳୀନ ସମାଧାନ କରିଥିଲେ । ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ୩ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଜଣଙ୍କୁ ସାହାଯ୍ୟ ପାଇଁ ତତ୍‌କ୍ଷଣାତ୍ ସୁପାରିଶ କରିଛନ୍ତି। ଶୁଣାଣିରେ ୩୪୧ଟି ବ୍ୟକ୍ତିଗତ ସମସ୍ୟା ଓ ୬ଟି ସର୍ବସାଧାରଣ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡିପିଓ ଅଶୋକ ସେଠୀ, ଡିପିସି ବିଷ୍ଣୁଚରଣ ସୂତାର, ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ର, ସିଡିପିଓ ରତ୍ନାବତୀ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଭାରପ୍ରାପ୍ତ ତହସିଲଦାର ଶୀତଲ ଅଗ୍ରୱାଲା, ବିଡିଓ ଅମ୍ବିକା ପ୍ରସାଦ ଦାଶ, ଅତିରିକ୍ତ ବିଡିଓ ଉପେନ୍ଦ୍ର କୁମାର ଜେନା, ଏପିଡି ଇନ୍ଦ୍ରମଣି ନାୟକ, ଅବକାରୀ ବିଭାକ ଅଧିକାରୀ ରଜତ କୁମର ପ୍ରହରାଜ, ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା ପ୍ରମୁଖ ଯୋଗଦେଇଥିଲେ । ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଉପସ୍ଥିତ ରହି ଆଇନ ଶୃଙ୍ଖଳା ତଦାରଖ କରିଥିଲେ ।

## ଶ୍ରମିକଙ୍କ ସୁରକ୍ଷାକୁ ନେଇ ଥାନାରେ ଅଭିଯୋଗ

କାଳିଆପାଣି, ୧୯।୧୧(ଡି.ଏନ୍.ଏ.)– ଇଞ୍ଚା ଖଣିରେ ଦୁର୍ଘଟଣାରେ ସଫେଇ କର୍ମଚାରୀ ଗୁରୁତର ହେବା ଘଟଣାକୁ ନେଇ ସୋମବାର ମଜଦୁର ସଂଘ ଥାନାର ଦ୍ୱାରସ୍ତ ହୋଇଛି। ଖଣିରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଉଥିବା ଅଭିଯୋଗରେ ସଂଘ ଦର୍ଶାଇଛି। ରବିବାର ସମ୍ପୃକ୍ତ କର୍ମଚାରୀ ଜଣଙ୍କ କାର୍ଯ୍ୟସ୍ଥଳକୁ ଆସିଥିବା ବେଳେ ଲୁହା ଏଙ୍ଗେଲ ପଡ଼ିଯିବାରୁ ତାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଶ୍ରମିକ ସଂଘର ଇଞ୍ଚା ଶାଖା ପକ୍ଷରୁ ଅଭିଯୋଗ କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।

## ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ରାଜ୍ୟରେ ପ୍ରଥମ ଥର ୧୧୯ ପ୍ରକଳ୍ପ ଉଦ୍‌ଘାଟିତ

ଧର୍ମଶାଳା, ୧୯।୧୧(ଡି.ଏନ୍.ଏ.)

ରାଜ୍ୟରେ ପ୍ରଥମ ଥର ପାଇଁ ଆମ ଗାଁ ଆମ ବିକାଶ ଯୋଜନା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହୋଇଯାଇଛି। ଏହି ଅବସରରେ ସୋମବାର ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ୧୧୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିସହ ରାଜ୍ୟରେ ପ୍ରଥମ ଥର ପାଇଁ ଖୁବ୍ କମ୍ ସମୟ ମଧ୍ୟରେ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଅଞ୍ଚଳବାସୀଙ୍କୁ ସାଧୁବାଦ୍ ଜଣାଇଛନ୍ତି। ଭିଡିଓ କନଫରେନସିଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଉପସ୍ଥିତ ଥିଲେ । ନିକଟରେ ୬ମାସ ତଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ମଣ୍ଡଳୀର ୩୭୯ଟି ପ୍ରକଳ୍ପ ପାଇଁ ମୋଟ ୧୨କୋଟି ୧୦ଲ ଟଙ୍କା ମଞ୍ଜୁର କରିଥିଲେ। ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ୩୦୪ଟି ପ୍ରକଳ୍ପ ପାଇଁ ୯କୋଟି ୨୨ଲକ୍ଷ ଟଙ୍କା ଓ ରସୁଲପୁର ବ୍ଲକର ୯ଟି ପଞ୍ଚାୟତରେ ୭୫ଟି ପ୍ରକଳ୍ପ ପାଇଁ ୨କୋଟି ୮୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ସେଥିମଧ୍ୟରୁ ଧର୍ମଶାଳା ବ୍ଲକରେ ୧୧୩ଟି ଓ ରସୁଲପୁର ବ୍ଲକରେ ୬ଟି ସମ୍ପୂର୍ଣ୍ଣ ହୋଇଥିବା ମୋଟ ୧୧୯ଟି ପ୍ରକଳ୍ପଗୁଡିକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଧର୍ମଶାଳା ସ୍ପୋର୍ଟ୍ସ କାଉନସିଲ କାର୍ଯ୍ୟାଳୟ, ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଟପୁର ଖେଳପଡ଼ିଆ ଓ କଳ୍ପତରୁ ଦାସ ଷ୍ଟାଡିଅମ ପଡିଆ ଉନ୍ନତି କରଣ, ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆରୁହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୁନ୍ଦୁରିଆ ମିଶନ ଶକ୍ତି କେନ୍ଦ୍ର, ଅଞ୍ଜିରା ବିଜୁ ଯୁବ ଜ୍ୟୋତି କେନ୍ଦ୍ର, କମାଗଡ ବ୍ରହ୍ମଣୀ ବେଦୀ ଗୋଷ୍ଠୀ କେନ୍ଦ୍ର ପ୍ରମୁଖ ଅଟେ । ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ , ଜିଲାପାଳ ରଞ୍ଜନ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷା ସାରତୀ ଜେନା, ବିଡିଓ ଅମ୍ବିକା ପ୍ରସାଦ ଦାଶ, ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ସହିତ ସମସ୍ତ ଜିଲା ପରିଷଦ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ।

# ୪୨୦ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ରାଜନଗର, ୧୯।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୪୨୦ ଅଭିଯୋଗର ଆସିଥିବା ବେଳେ ସେଥିରୁ ୧୫ଟି ସାମୂହିକ ଅଭିଯୋଗ ଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଥିଲା। କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦ୍ରାପଡା ଏସ୍‌ପି ନୀତିଶେଖର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରଭାସ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏସ୍‌ଡିପିଓ ଉମାଶଙ୍କର ମହାରଣା, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବିଡିଓ ମନ୍ଦରଧର ମହାଳିକ, ଆଇଆଇସି ସୁକାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।

**ମିଳିତ ଜନଶୁଣାଣି ଶିବିର**



ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରେ କୁରୁଣ୍ଟି ଗ୍ରାମର ପ୍ରତାପ ମହାପାତ୍ରଙ୍କ ରାଶନ ସାମଗ୍ରୀ ଡିଲର ଲୁଟି ନେଉଥିବା ଅଭିଯୋଗ କରିଥିଲେ। ସାତଭାୟାର ବିଧବା ସୁଧିର ଦଳାଇ ଥଇଥାନ ପ୍ରକ୍ରିୟାରେ ତାଙ୍କୁ ବାଦ ଦିଆଯାଇଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ଆଣିଥିଲେ। ମାଣପଡ଼ା ଗ୍ରାମର ଅଶୋକ ଦାସ ପକ୍ଷାଘାତରେ ପୀଡିତ ସ୍ତ୍ରୀଙ୍କ ଚିକିତ୍ସା ନିମନ୍ତେ ଭିକ୍ଷା ମାଗୁଥିବା ବେଳେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ରାଜଗଡର ଦିବ୍ୟାଙ୍ଗ ଆର୍ତ୍ତେଶ୍ୱର(୯) ଦାସଙ୍କୁ ଟ୍ରାଇସାଇକେଲ ଯୋଗାଇ ଦେବାପାଇଁ ତାଙ୍କ ଜେଜେମା ନିବେଦନ କରିଥିଲେ। ସେହିପରି ଗୋବର୍ଦ୍ଧନପୁରର ରମାକାନ୍ତ ସେଠୀ, ପଶ୍ଚିମଭେଡାର ନିର୍ମଳ ଧଳ, ନୂଆଗାଁର ରମାକାନ୍ତ ସେଠୀ, ରାଜନଗରର ଅଜୟ ମଲିକ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ଇଶ୍ୱରପୁର ପଞ୍ଚାୟତ ଜୁନୁସନଗର ଗ୍ରାମର ପ୍ରଦୀପ କୁମାର ଦାସ, ଶ୍ରୀନିବାସ ଦାସ, ନିରଞ୍ଜନ ମଣ୍ଡଳ, ଅନୁକୂଳ ମଣ୍ଡଳ, ସୁବିମଳ ମଣ୍ଡଳ ପ୍ରମୁଖ ପାଇଖାନା ନିର୍ମାଣ ଶେଷ କରିବା ପରେ ମଧ୍ୟ ଟଙ୍କା ମିଳୁ ନଥିବା ଅଭିଯୋଗ କରିଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ଏ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ରାଜନଗର ପଞ୍ଚାୟତ ଅଫିସ ଗୃହକୁ ଗ୍ରାମର କାଶୀନାଥ ସେଠୀ ଜବରଦଖଲ କରିଥିବା ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର ଓ ସମିତିସଭ୍ୟ ସତ୍ୟବାନ ସେଠୀ ଅଭିଯୋଗ କରିଥିଲେ। ତେବେ ଲୋକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ପ୍ରଳମ୍ବାସୁର ବଧ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ।

## ଶ୍ରୀ ବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ

**କେନ୍ଦ୍ରାପଡା ଅଫିସ, ୧୯।୧୧**

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥି ଅବସରରେ ତୁଳସୀ କ୍ଷେତ୍ରାଧିପତି ବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ପାଇଁ ପୁରୀ ଶ୍ରୀମନ୍ଦିରରୁ ଆସିଥିବା ଖଣ୍ଡୁଆପାଟକୁ ଶ୍ରୀଜୀଉମାନେ ପରିଧାନ କରିଥିଲେ। ମନ୍ଦିରର ପରମ୍ପରା ଅନୁଯାୟୀ, ଶ୍ରୀ ବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀକୃଷ୍ଣ ବେଶ କରାଯାଇଥିଲା। ଶ୍ରୀଜୀଉଙ୍କ ଏହି ବେଶ ଦେଖିବା ପାଇଁ ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ପ୍ରତ୍ୟୁଷରୁ ପୂଜାପଣ୍ଡାଙ୍କ ଦ୍ୱାରା ମନ୍ଦିର ପହଡ଼ ଫିଟାଯାଇ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ନିତୀସ୍ନାନ ସମାପନ ଗୋପାଳ ବଲ୍ଲଭ ଧୂପ ଉଠିଥିଲା। ଦିନ ୧୧ଟାରେ ଖେଚୁଡ଼ି ଧୂପ ଉଠିବା ପରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିରେ ଦାମୋଦର ଭୋଗ ଲାଗି ହୋଇଥିଲା। ଅପରାହ୍ନ ୪ଟାରେ ଶ୍ରୀଜୀଉଙ୍କ ଦିବା ପହଡ଼ ପଡିଥିଲା। ସନ୍ଧ୍ୟାରେ ମନ୍ଦିର ଫିଟିବା ପରେ ଶ୍ରୀଜୀଉ ଏହି ବେଶ ଦେଖିବାକୁ ମିଳିଥିଲା। ମହାପ୍ରଭୁ ଶ୍ରୀ ବଳଦେବଜୀଉ ନିଜ ଶ୍ରୀପୟର (ପାଦ)କୁ ପ୍ରଳମ୍ବାସୁରର କାନ୍ଧ ଉପରେ ରଖି ବଧ କରୁଥିବା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ୪ ଫୁଟ ଉଚ୍ଚତାର ଏକ କାଷ୍ଠ ନିର୍ମିତ ପ୍ରଳମ୍ବାସୁରଙ୍କ ପ୍ରତିମୂର୍ତ୍ତି ମହାପ୍ରଭୁଙ୍କ ଶ୍ରୀଚରଣରେ ଶୋଭା ପାଇଥିଲା। ପ୍ରଳମ୍ବାସୁରଙ୍କ କାଷ୍ଠ ମୂର୍ତ୍ତିକୁ ନାଲି ନେଳି କନାରେ ଆବରଣ କରାଯାଇଥିଲା। ଏହା ଏକ ବାର୍ଷିକ ନୀତି ହୋଇଥିବାରୁ ମୂର୍ତ୍ତିର ନବ କଳେବର କରା ନ ଯାଇ କେବଳ ମରାମତି ପରେ ଏହି ସ୍ୱତନ୍ତ୍ର ନୀତିରେ ନିୟୋଗ କରାଯାଏ ବୋଲି ସେବାୟତ ଧର୍ମଦର୍ଶୀ କର ସୂଚନା ଦେଇଛନ୍ତି। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ, ରାତ୍ର ଧୂପ ପୂର୍ବରୁ ରତ୍ନ ସିଂହାସନରେ ବିରାଜିତ ଥିବା ଶ୍ରୀ ଗୋବିନ୍ଦଜୀଉଙ୍କୁ ମଣି ବିମାନରେ ବେଢ଼ା ପରିକ୍ରମା କରାଯାଇଥିଲା। ରାତ୍ର ଧୂପ ବଢ଼ିଲା ପରେ ଠାକୁରଙ୍କୁ ପଞ୍ଚୁଆଳତି କରାଯିବ। ଏହା ପରେ ମହାଦୀପ ସୁଆର ସେବାୟତଙ୍କ ଦ୍ୱାରା ମନ୍ଦିରର ଶିଖରକୁ ଉଠିବ ବୋଲି ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଚନ୍ତି। ମଙ୍ଗଳବାର ଗରୁଡ଼ ଦ୍ୱାଦଶୀ ଅବସରରେ ଶ୍ରୀଜୀଉଙ୍କ ମନ୍ଦିରରେ ଗରୁଡ଼ ବେଶ ଓ ତୁଳସୀ ବିବାହ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୪ର୍ଥ ମକର ମହୋତ୍ସବ ପ୍ରସ୍ତୁତି ବୈଠକ



**ମାର୍ଶାଘାଇ, ୧୯।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ପକ୍ଷୋଟଠାରେ ପ୍ରସିଦ୍ଧ ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ୪ର୍ଥ ମକର ମହୋତ୍ସବ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ତ୍ରିକୋଣଭୂମି ବିକାଶ ପରିଷଦର କାର୍ଯ୍ୟାଳୟଠାରେ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱ ବୈଠକ ଅନୁଷ୍ଠିତ ହୋଇଥିଲା। ଯୁବ କର୍ମକର୍ତ୍ତା ଜିତେନ୍ଦ୍ର ରାଉତଙ୍କ ମାସକ ତଳେ ଅକାଳ ବିୟୋଗ ଘଟିଥିବାରୁ ପ୍ରାରମ୍ଭରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଅମରେନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଜାନୁୟାରୀ ମାସ ୧୪ ତାରିଖ ମକର ସଂକ୍ରାନ୍ତିରୁ ମହୋତ୍ସବ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଏଥିସହ ମହୋତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ଓଡିଆ ସିନେ ଜଗତର କଳାକାରମାନଙ୍କୁ ଡକାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଉପ ସଭାପତି ସୁରେଶ ବାରିକ, ମୁଖ୍ୟ ପରାମର୍ଶଦାତା ନୃସିଂହ ଚରଣ ପରିଡା, ନିରଞ୍ଜନ ଖଟୁଆ, ଘନଶ୍ୟାମ ମହାନ୍ତି, ସଭ୍ୟ ଜ୍ୟୋତିଶଙ୍କର ଜେନା, ବିଶ୍ୱଭୁଷଣ ମହାନ୍ତି, ମନୋରଞ୍ଜନ ଜେନା ପ୍ରମୁଖ ସଭାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହୋତ୍ସବ ପଡିଆରେ ସିସିଟିଭି ଲଗାଯିବା ନେଇ ନିଷ୍ପତି ନିଆଯାଇଥିଲା। ସଭାପତି ମହାନ୍ତି ମହୋତ୍ସବ ଆୟୋଜନ ଓ ଏହାକୁ ସରସ ସୁନ୍ଦର କରିବାକୁ ସମସ୍ତ ସଦସ୍ୟ ଏବଂ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**ଡେରାବିଶ, ୧୯।୧୧ (ସ୍ୱ.ପ୍ର.):** ଡେରାବିଶ ଶିକ୍ଷା ସର୍କଲ ଅଧୀନ ପାଣିଓଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ଲେଙ୍କା ଅଧ୍ୟକ୍ଷତା କରିଥିଲେ। ସଭାରେ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଖଦାନନ୍ଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗ ଓ ଦେଶ ପ୍ରେମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କମିଟି ଅଧ୍ୟକ୍ଷ ମାନସ ବଳ, ଦିଲୀପ ପରିଡ଼ା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଶ୍ରୀମା'ଙ୍କ ସ୍ମରଣୋତ୍ସବ



**ଡେରାବିଶ, ୧୯।୧୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମୁଣ୍ଡାଳୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ଶ୍ରୀମା'ଙ୍କ ସ୍ମରଣୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଖଣ୍ଡନାମ ଜପ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ନାୟକ, ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା, କବୀର ଭାଇ, ପ୍ରଶାନ୍ତ ଭାଇ, ବଳରାମ ଭାଇ, ବାବୁଲି ଭାଇ, ବବି ଅପା, କବି ଅପା ପ୍ରମୁଖ ଯୋଗଦେଇ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଜୀବନାଦର୍ଶ ଓ ସମାଜକୁ ଛାଡ଼ିଯାଇଥିବା ମହନୀୟ ବାର୍ତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି ଯୁବପିଢ଼ି ଦେଶ ଗଠନରେ ସହାୟକ ହେବା ଉପରେ ସଭିଏ ଗୁରୁତ୍ୱାରୋପ କରିଥିଲେ।

## ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ନାମେଣ୍ଟ
# କେନ୍ଦ୍ରାପଡ଼ା ସୁରଜ ସ୍ପୋର୍ଟିଂ ଚାମ୍ପିୟନ୍

**ଡେରାବିଶ, ୧୯।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁରସ୍ଥିତ ଦୋହଳୀ ଫୁଟବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଫୁଟବଲ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ାର ସୁରଜ ସ୍ପୋର୍ଟିଂ କ୍ଲବ ଓ ଦାନପୁରର ଦୋହଳୀ ଫୁଟବଲ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ସୁରଜ ସ୍ପୋର୍ଟିଂ ୨-୧ଗୋଲ୍‌ରେ ବିଜୟୀ ହୋଇଥିଲେ। ପୁଷ୍ପକ କୁମାର ରଥ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା ମୁଖ୍ୟଅତିଥି, ଓଡ଼ିଶା ମହିଳା ପୋଲିସ୍ ଫୁଟ୍‌ବଲ୍ ଟିମ୍‌ର ପ୍ରଶିକ୍ଷିକା ଗାୟତ୍ରୀ ମଲ୍ଲିକ, କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ କାବୁଲି ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବରେ ଶିକ୍ଷାବିତ୍ ପଞ୍ଚାନନ ଶତପଥୀ ଓ ସ୍ଥାନୀୟ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ସାମାଜିକ କର୍ମୀ ଅମ୍ବିକା ପ୍ରସାଦ ରଥ ଓ ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିଚାଳକ ମନୀଷ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁରଜ ସ୍ପୋର୍ଟିଂ ଟିମ୍‌କୁ ଚାଲେଞ୍ଜ ଟ୍ରଫି ଓ ଦାନପୁର ଦୋହଳୀ ଫୁଟବଲ୍ ଟିମ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ୧୪୦ ଜଣ ଦେଲେ ଗଣିତ ମେଧାବୃତ୍ତି ପରୀକ୍ଷା

**ମାର୍ଶାଘାଇ, ୧୯।୧୧(ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ସୋମବାର ମାର୍ଶାଘାଇ କେନ୍ଦ୍ରୀୟ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଶ୍ରେଣୀ (ସୋପାନ-୧)ରେ ପଞ୍ଜୀକରଣ କରିଥିବା ୧୧୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୭ ଏବଂ ନବମ ଶ୍ରେଣୀ (ସୋପାନ-୨)ର ପଞ୍ଜୀକରଣ କରିଥିବା ୩୫ଜଣଙ୍କ ମଧ୍ୟରୁ ୩୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ ଅଧିକାରୀ ରବିନାରାୟଣ ଦାଶ ପରୀକ୍ଷା କେନ୍ଦ୍ର ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ପର୍ଯ୍ୟବେକ୍ଷକ ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି ଦାୟିତ୍ୱରେ ଥିଲେ।

## ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ଆଳି, ୧୯।୧୧ (ଡି.ଏନ୍.ଏ.)**

ଆଳି ବ୍ଲକ ଅଟାଳ ପଞ୍ଚାୟତର କେନାଙ୍ଗ ଓ ପୁରିଲୋ ଗ୍ରାମରେ ଗୋଟିଏ ଘର ଓ ଗୋଟିଏ ଦୋକାନ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଅଟାଳ ପଞ୍ଚାୟତ ପୁରିଲୋ ଗ୍ରାମର ଗଣେଶ୍ୱର ରାଉତଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରର ସମସ୍ତ ଖାଦ୍ୟ ସାମଗ୍ରୀ, କମ୍ପ୍ୟୁଟର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି।

ସେହିପରି କେନାଙ୍ଗ ଗ୍ରାମର ସବିତା ମଲିକଙ୍କ ଭେରାଇଟି ଷ୍ଟୋରରେ ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ଦୋକାନ ଘରର ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ତେବେ ଗୋଟିଏ ରାତିରେ ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିବା ଯୋଗୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ଓ ବିପନ୍ନ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଖବରପାଇ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ଯୋଗାଇ ଦେଇଛନ୍ତି।

## ଅଫିସ ପରିସରରେ ରାତ୍ର ଜଗୁଆଳିଙ୍କ ଆତ୍ମହତ୍ୟା

**ରାଜନଗର, ୧୯।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ମହିଁଷାସୁରସ୍ଥିତ ଜଳଯୋଗଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ରାତ୍ର ଜଗୁଆଳି ଜ୍ଞାନରଞ୍ଜନ ପରିଡା(୩୮)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ରବିବାର ଉଦ୍ଧାର କରାଯାଇଛି। ସକାଳ ପ୍ରାୟ ୮ଟା ବେଳେ ଜ୍ଞାନରଞ୍ଜନ କାର୍ଯ୍ୟାଳୟ ବାହାରେ ବୁଲୁଥିବା ଲୋକମାନେ ଦେଖିଥିଲେ। ତେବେ ୧୦ଟା ବେଳେ କର୍ମଚାରୀମାନେ ଆସି ଜ୍ଞାନରଞ୍ଜନଙ୍କୁ ଖୋଜିବା ପରେ ଅଫିସ୍ ପଛପଟ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା

**ଡେରାବିଶ, ୧୯।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତସ୍ଥିତ ଫାଣ୍ଡି ବଜାର ଓ ଡେରାବିଶ ହାଟ ଛକ, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ବଜାର, ନରସିଂହପୁର ପଞ୍ଚାୟତ, ଦାନପୁର ପଞ୍ଚାୟତ ଓ ରତାଦିଆ ଖଣ୍ଡସାହି ପଞ୍ଚାୟତର ତେଲଦିଆ ଗ୍ରାମର ବିଭିନ୍ନ ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପୂଜା ଖୁବ୍ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେଉଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ସାତ ଦିନ ଧରି ଚାଲିବ। ଏହି ଅବସରରେ ବଜାର କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି। ଶେଷ ତିନି ରାତ୍ରିରେ କମିଟି ପକ୍ଷରୁ ଯାତ୍ରା ପରିବେଷଣ ହେବ ବୋଲି ଡେରାବିଶ ଫାଣ୍ଡି ବଜାର କମିଟିର ସଭାପତି ସଞ୍ଜୟ ସାହୁ ସୂଚନା ଦେଇଛନ୍ତି। ସେହିପରି ଗୋଲରାହାଟ ପଞ୍ଚାୟତର ହାଟ ଛକରେ ହୋଇଥିବା କାର୍ତ୍ତିକେଶ୍ୱରଙ୍କ ପୂଜା ମଣ୍ଡପ ଆଗରେ ଶନିବାରଠାରୁ ଦୁଇ ଦିନ ଧରି ପାଲା ପରିବେଷଣ ହେଉଛି। ପଞ୍ଚୁପାଣ୍ଡବ ଛକରେ ଅନୁଷ୍ଠିତ ପୂଜା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୂଜା ମଣ୍ଡପରେ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତଙ୍କ ସମେତ ବିଭିନ୍ନ ଦଳର ରାଜନେତା କାର୍ତ୍ତିକେଶ୍ୱରଙ୍କ ଦର୍ଶନ କରିଥିଲେ। ତେବେ କେତେକ ସ୍ଥାନରେ ମଙ୍ଗଳବାର କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି।



ପଞ୍ଚୁପାଣ୍ଡବ ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ମୂର୍ତ୍ତି।



ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

**ମାର୍ଶାଘାଇ, ୧୯।୧୧ (ଡି.ଏନ୍.ଏ.)**

ମାର୍ଶାଘାଇ ପଞ୍ଚାୟତର ପୁରୁଷୋତ୍ତମପୁରଠାରୁ ଗରଜଙ୍ଗା ପଞ୍ଚାୟତର ଆଠବାଟିଆ ପଞ୍ଚାୟତ ପର୍ଯ୍ୟନ୍ତ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ଅବସରରେ ବିଧାୟକ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ପୁରୁଷୋତ୍ତମପୁରଠାରୁ ଜୁଣ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ପ୍ରଶସ୍ତିକରଣ, ପୁରୁଷୋତ୍ତମପୁର ଅଙ୍ଗନୱାଡି କେନ୍ଦ୍ରଗୃହ, ଆମ ଗାଁ ଆମ ବିକାଶ ଯୋଜନାର ପୁରୁଷୋତ୍ତମପୁର ଗୋଷ୍ଠୀ କେନ୍ଦ୍ର, ବନଦୁର୍ଗା ରୋଷେଇ ଘର, ମାର୍ଶାଘାଇ ହାଟ ନବୀକରଣ ଏବଂ ମାର୍ଶାଘାଇ ଜଳବିକାଶ ବିଭାଗର କାର୍ଯ୍ୟାଳୟ ଓ ମାର୍ଶାଘାଇରେ ନୂତନ ଡାକବଙ୍ଗଳା ଗୃହ ନିର୍ମାଣର ଶିଳାନ୍ୟାସ କରାଯାଇଥିଲା। ଏଥିସହ ଜୁଣ ଗ୍ରାମର ନବନିର୍ମିତ ଅଙ୍ଗନୱାଡ଼ି ଗୃହ ବିଧାୟକ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୁଷୋତ୍ତମପୁରଠାରେ ଆୟୋଜିତ ସଭାର ବିଧାୟକ ନାୟକ ଯୋଗଦେଇ ଗ୍ରାମର ୫ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ବିଧାୟକ ଗରଜଙ୍ଗା ପଞ୍ଚାୟତରେ ଆଠବାଟିଆ ଏବଂ କୁଆଁରପାଳ ଗ୍ରାମରେ ଜନସମ୍ପର୍କ ପଦଯାତ୍ରାରେ ଯୋଗଦେବା ସହ ଗୋଷ୍ଠୀକେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏଥିରେ ଜିଲା ବିଜେଡି ଉପସଭାପତି ଗଙ୍ଗାଧର ସାମଲ, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଦାସ, ବ୍ଲକ ଅଧ୍ୟକ୍ଷା ସୀତାଲତା ପରିଡ଼ା, ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ, ଚନ୍ଦ୍ରମଣୀ ସାହୁ, ବିଶିଷ୍ଟ ବ୍ୟବସାୟୀ ରନେନ୍ଦ୍ର କୁମାର ସ୍ୱାଇ, ଧ୍ରୁନ କିଶୋର ନାୟକ, ସୁନାକର ଗାହାଣ, ଉପେନ୍ଦ୍ର ବେହେରା, ବିପିନ ବିହାରୀ ସ୍ୱାଇଁ, ସଚ୍ଚିଦାନନ୍ଦ ସ୍ୱାଇଁ, ସରୋଜକାନ୍ତ ନାୟକ, ଅଗ୍ନିଳାଇ ସରପଞ୍ଚଙ୍କ ପ୍ରତିନିଧି ମାଧବ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ କାମରେ ଲାଗିଲାନି ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ
# ଚିକିତ୍ସା ଅଧାରୁ ଝିଅକୁ ଘରକୁ ଆଣିଲେ ବାପା

**ଆଳି, ୧୯।୧୧ (ଡି.ଏନ୍.ଏ.)**

ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ରାଜ୍ୟ ସରକାର ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଭଳି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯଦ୍ୱାରା ସାଧାରଣ ବର୍ଗର ଲୋକେ କୌଣସି ବଡ଼ ରୋଗରେ ଆକ୍ରାନ୍ତ ହେଲେ ବି ଚିକିତ୍ସା ପାଇଁ ଅବହେଳିତ ହେବେନାହିଁ। କିନ୍ତୁ ଏବେ ଏହି ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜୁ ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟକାରୀ ନହେବାରୁ ଚିକିତ୍ସା ଅଧାରୁ ଝିଅକୁ ଘରକୁ ନେଇ ଆସିଥିବା ଜଣାପଡିଛି।

ଆଳି ବ୍ଲକ ଭୂଇଁପୁର ପଞ୍ଚାୟତ ମାନପୁର ଗ୍ରାମର ରବୀନ୍ଦ୍ର ଜେନାଙ୍କ ଝିଅ ମିଲା(୧୮)ଙ୍କର ବହୁ ପୂର୍ବରୁ ପେଟରେ ଯନ୍ତ୍ରଣା ଅନୁଭବ ହେଉଥିବା ବେଳେ ସେ ମେଡିସିନ୍ ଖାଇ ଏହାକୁ ଚପାଇ ଦେଇଥିଲେ। ମାତ୍ର ୮ମାସ ପୂର୍ବେ ପେଟ ଖୁବ୍ ଜୋରରେ ପେଟ ଦରଜ ହେବାରୁ ରବୀନ୍ଦ୍ର ତାଙ୍କୁ କଟକ ବଡ଼ ମେଡିକାଲର ୟୁରୋଲୋଜି ବିଭାଗରେ ଭର୍ତ୍ତି କରିଥିଲେ। ତେବେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ମିଲାଙ୍କର ଗୋଟିଏ କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଥିଲା। ଆଗାମୀ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ଥିବା ବେଳେ ରବୀନ୍ଦ୍ର ମେଡିକାଲରେ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଦେଖାଇଥିଲେ। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ତେବେ ଇତିମଧ୍ୟରେ ମିଲାଙ୍କର ନାନା ପରୀକ୍ଷା ନିମନ୍ତେ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରବୀନ୍ଦ୍ର ଧାରୁଧାର କରି ଟଙ୍କା ଆଣିଥିଲେ। ମିଲାଙ୍କ ଚିକିତ୍ସା ପାଇଁ ଆଉ ଟଙ୍କା ଖର୍ଚ୍ଚ କରିବା ରବୀନ୍ଦ୍ରଙ୍କ ପକ୍ଷେ ସମ୍ଭବ ନଥିବାରୁ ସେ ଝିଅକୁ ଘରକୁ ନେଇଆସିଛନ୍ତି ବୋଲି। ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଚଳାଇବା କଷ୍ଟକର ହେଉଥିବା ବେଳେ ଚିକିତ୍ସା ବାବଦ ଖର୍ଚ୍ଚ ତୁଲାଇବା ସମ୍ଭବ ହୋଇ ନପାରିବାରୁ ଝିଅକୁ ଘରକୁ ନେଇଆସିଥିଲି ବୋଲି ରବୀନ୍ଦ୍ର କହିଛନ୍ତି। ଝିଅର ଚିକିତ୍ସା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ମିଲାଙ୍କ ମା'ବାପା ନିବେଦନ କରିଛନ୍ତି। ମାତ୍ର ମେଡିକାଲରେ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ କାର୍ଯ୍ୟକାରୀ ନହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ମା'ବାପାଙ୍କ ସହ ମିଲା।

## ସଂକ୍ଷେପରେ

### ତବଲା ବାଦକ ପତିତପାବନ ଜେନାଙ୍କୁ ଅକ୍ଷୟ ଗୌରବ ସମ୍ମାନ



ବାଲିଆ,୧୯।୧୧: ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ହାଜିପୁର ଗ୍ରାମର ବିଶିଷ୍ଟ ତବଲା ବାଦକ ପତିତପାବନ ଜେନାଙ୍କୁ ଅକ୍ଷୟ ଗୌରବରେ ସମ୍ମାନିତ କରାଯାଇଛି। ଖୋର୍ଦ୍ଧାଠାରେ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଷୋଡ଼ଶ ବାର୍ଷିକ ରାଜ୍ୟସ୍ତରୀୟ ଅକ୍ଷୟ ମହୋତ୍ସବ-୨୦୧୮ ପାଳନ ଅବସରରେ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜେନା କଟକ ଆକାଶବାଣୀ କେନ୍ଦ୍ରର ତବଲା ବାଦକ ଭାବେ ସଂଗୀତ ସମ୍ରାଟ ଅକ୍ଷୟ ମହାନ୍ତିଙ୍କ ସହିତ ବାଦ୍ୟ ପରିବେଷଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଏକାଧାରାରେ ଜଣେ କବି, ଲେଖକ, ସାହିତ୍ୟିକ ଓ କଳାକାର ଭାବେ ସୁନାମ ଅର୍ଜନ କରିଛନ୍ତି। ଖୋର୍ଦ୍ଧାର ଗୀତା ଭବନ ପଡିଆରେ ଆୟୋଜିତ ଉକ୍ତ ଉତ୍ସବରେ ଏମ୍‌ପି ପ୍ରସନ୍ନ କୁମାର ପାଟସାଣୀ, ପୂର୍ବତନ ବିଧାୟକ ଜିତୁ ମିତ୍ର, ହାଜିପୁର ଜେନେସିସ୍ ଶିଳ୍ପ ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ତୋଫାନ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଟ୍ରଷ୍ଟର ପ୍ରତିଷ୍ଠାତା ଚୈତନ୍ୟ ପ୍ରସାଦ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜେନାଙ୍କୁ ଗୀତିକବି ବାମଦେବ ସ୍ୱାଇଁ, କବି ପୀତାମ୍ବର ମହାପାତ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ବିଭିନ୍ନ ଗ୍ରାମରେ ରାହାସ ଉତ୍ସବ

**ତିର୍ତ୍ତୋଲ,୧୯।୧୧(ଡି.ଏନ.ଏ.):** ତିର୍ତ୍ତୋଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ରାହସୋତ୍ସବ ଅନୁଷ୍ଠିତ ହେଉଛି। ଗୋବିନ୍ଦପୁର, ମଣିଜଙ୍ଗା, ବିବଚ୍ଛପୁର, ଇବ୍ରିସିଂ, ଖନ୍ଦୋଳ, ଶାଗବାରିଆ, ମୂଳିସିଂ ପ୍ରଭୃତି ଗ୍ରାମରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି। ଏସବୁ ଗ୍ରାମରେ ସନ୍ଧ୍ୟାରେ ରାହାସ ଗାନ ସହ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ବ୍ଲକର ଖନ୍ଦୋଳ ଗ୍ରାମରେ ଗତେଶ୍ୱର ଯୁବ ପରିଷଦ ଆନୁକୂଲ୍ୟରେ ରାହାସୋତ୍ସବ ପାଳିତ ହୋଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଂସ୍କୃତିକ ସଭା, ସମ୍ବର୍ଦ୍ଧନା ଉତ୍ସବ ଆଦି ଆୟୋଜିତ ହେଉଥିବା କ୍ଲବର ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

### ବ୍ରାହ୍ମଣୀକୋଲ୍ଲା ପ୍ରାଥମିକ ବିଦ୍ୟାଳୟ ନାମ ବଦଳିଲା

**ରାଜନଗର, ୧୯।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତସ୍ଥିତ ବ୍ରାହ୍ମଣୀକୋଲ୍ଲା ପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ବିଷ୍ଣୁପଡ଼ା ଓ ବ୍ରାହ୍ମଣୀକୋଲ୍ଲା ପ୍ରାଥମିକ ବିଦ୍ୟାଳୟ ରଖାଯାଇଛି। ଏହି ବିଦ୍ୟାଳୟରେ ୨ଟି ଗ୍ରାମର ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଦୁଇ ଗାଁ ମଧ୍ୟରେ ବିବାଦ ଯୋଗୁ ସ୍କୁଲ ଘର ନିର୍ମାଣ କାର୍ଯ୍ୟ ଅଧାରୁ ଅଟକି ରହିଥିଲା। ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଭିତରଗଡ଼ ସରପଞ୍ଚ ସଙ୍ଗୀତା ବଳ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଓ ତହସିଲଦାର ଦିବ୍ୟେନ୍ଦୁ କୁମାର ଦାସ ବିଦ୍ୟାଳୟରେ ପହଞ୍ଚି ଦୁଇ ଗାଁର ମୁରବୀ ଓ ଛାତ୍ରାଭିଭାବକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ବିଦ୍ୟାଳୟର ନାମ ବ୍ରାହ୍ମଣୀକୋଲ୍ଲା ପ୍ରାଥମିକ ବିଦ୍ୟାଳୟ ପରିବର୍ତ୍ତେ ବିଷ୍ଣୁପଡା-ବ୍ରାହ୍ମଣୀକୋଲ୍ଲା ପ୍ରାଥମିକ ବିଦ୍ୟାଳୟ ରଖିବା ପାଇଁ ଉପଜିଲାପାଳ ମିଶ୍ର ଘୋଷଣା କରିଥିଲେ।

### ବଟାପୁରଛକରେ ରାସ୍ତା ଅବରୋଧ

**ସାଲେପୁର,୧୯।୧୧(ଡି.ଏନ.ଏ.):** ସାଲେପୁର ବ୍ଲକର ଖରାଖିଆଠାରୁ ଜପକୁଦ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ତେଣୁ ଏହାର ତୁରନ୍ତ ମରାମତି ଦାବିକରି ବ୍ଲକ ଅଧୀନ ନାନ୍ଦୋଳ ପଞ୍ଚାୟତସ୍ଥିତ ୪ନଂ. କେନାଲ୍ ବନ୍ଧର ବଟାପୁରଛକଠାରେ ସୋମବାର ସକାଳେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଯୁବକ ଏକତ୍ରିତ ହୋଇ କେନାଲ୍ ବନ୍ଧ ରାସ୍ତା ଉପରେ ବାଉଁଶ ବାନ୍ଧି ଏବଂ ଟାୟାର ଜାଳି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

# କଟକ-ପାରାଦୀପ ରାଜ୍ୟ ରାଜପଥରେ ଭାରିଯାନ ମନା

**ଜଗତ୍‌ସିଂହପୁର ଅଫିସ, ୧୯।୧୧**

- ପାରାଦୀପ ଜିରୋ ପଏଣ୍ଟରୁ ଅଠରବାଙ୍କୀ ଭାରିଯାନ ଚଳାଚଳ ଉପରେ କଟକଣା
- ଜଗତ୍‌ସିଂହପୁର ଥାନା ଛକରୁ ଜଇପୁର ରାସ୍ତାର ଏକ ଡ୍ରେସ୍ ଶୋ ରୁମ ପର୍ଯ୍ୟନ୍ତ ରହିବନି ଗାଡି
- ଥାନା ଛକରୁ ଟାଉନ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍
- ପୌରାଞ୍ଚଳରେ ମଧ ଭାରିଯାନ ଚଳାଚଳ ଉପରେ କଟକଣା

କଟକ-ପାରାଦୀପ ରାଜ୍ୟ ରାଜପଥ-୧୨ରେ ଲୁହାପଥର, କ୍ରୋମ ପଥର, କୋଇଲା ଆଦି ପରିବହନ କରୁଥିବା ବହୁ ଟ୍ରକ୍ ଓ ଟିପ୍ପର ଆଦି ଚଳାଚଳ କରୁଛି। ଏଥିସହ ୧୦ ଚକିଆ ଯାନ ଯଥା ଗ୍ୟାସ ଟ୍ୟାଙ୍କର, ତୈଳ ଟ୍ୟାଙ୍କର, ଭାରୀ ଯନ୍ତ୍ରାଂଶ ବହନ କରୁଥିବା ଯାନଗୁଡିକ ଚଳାଚଳ କରୁଥିବାରୁ ରାସ୍ତା ଶୋଚନୀୟ ହୋଇପଡୁଛି । ଦୁର୍ଘଟଣା ମଧ ଘଟୁଛି। ଜନସାଧାରଣଙ୍କ ଅସୁବିଧା ଓ ରାସ୍ତା ନିରାପତ୍ତା ଦୃଷ୍ଟିରୁ ଉପରୋକ୍ତ ଯାନବାହନ ଚଳାଚଳ ଉପରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ନିଷେଧାଦେଶ ଜାରି କରିଛନ୍ତି। ସେହିପରି ପାରାଦୀପ ଜିରୋ ପଏଣ୍ଟରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟହ ବହୁ ସଂଖ୍ୟାରେ ଭାରିଯାନ ଅଟକି ରହୁଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣଙ୍କ ଗମନାଗମନ ଓ ସୁରକ୍ଷା ଦୃଷ୍ଟିରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ରଖାଯିବା ଉପରେ କଟକଣା ଜାରି କରାଯାଇଛି। ଉକ୍ତ ଅଞ୍ଚଳକୁ ନୋପାର୍କିଂ ଜୋନ ଘୋଷଣା କରାଯାଇଛି। ଅନୁରୂପ ଭାବେ ପାରାଦୀପର ଅଏଲ ଟର୍ମିନାଲଠାରୁ କାରଗିଲ ଛକ ମଧ୍ୟରେ ପେଟ୍ରୋଲିୟମଜାତ ପଦାର୍ଥ ବହନ କରୁଥିବା ତୈଳପୂର୍ଣ୍ଣ ଟ୍ୟାଙ୍କର ଚଳାଚଳ ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିଯୋଗୁ ରାସ୍ତା ଖରାପ ହେବା ସାଙ୍ଗକୁ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ଆଦି ଘଟୁଛି। ତେଣୁ ଏହି ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଏହି ଅନୁଯାୟୀ, ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କରଗୁଡିକ କାରଗିଲ ଛକ ଦେଇ ପ୍ରବେଶ କରିବେ ଓ ତୈଳପୂର୍ଣ୍ଣ ହେଲା ପରେ ପିପିଏଲ୍ ଜଙ୍କସନ୍ ଦେଇ ପିପିଏଲ୍ ଛକପଟେ ବାହାରିବେ। ଆଳିପିଙ୍ଗଳ-ଜଗତ୍‌ସିଂହପୁର ରାସ୍ତାରେ ବାଲି, କ୍ରୋମ ପଥର, କୋଇଲା, ଲୁହା ପଥର ଆଦି ପରିବହନ କରୁଥିବା ଟ୍ରକ୍, ଟିପ୍ପର ଓ ୬ ଚକିଆ ଯାନ ଚଳାଚଳ କରୁଛି। ଏଥିଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ସମ୍ଭାବ୍ୟ ଦୁର୍ଘଟଣା ପରିସ୍ଥିତିକୁ ଏଡାଇବା ପାଇଁ ଏହି ରାସ୍ତାରେ ପୂର୍ବାହ୍ଣ ୯ରୁ ରାତି ୯ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଜଗତ୍‌ସିଂହପୁର ଥାନା ଛକରୁ-ଜଇପୁର ରାସ୍ତାର ଏକ ପୋଷାକ ଶୋ ରୁମ୍ ଏବଂ ଥାନା ଛକରୁ ଟାଉନ ହଲ୍ ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ଯାନବାହାନ ରଖିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଉକ୍ତ ଅଞ୍ଚଳକୁ ନୋପାର୍କିଂ ଜୋନ ଘୋଷଣା କରାଯାଇଛି। ଜଗତ୍‌ସିଂହପୁର ବସଷ୍ଟାଣ୍ଡରୁ ମେଡିକାଲ ପର୍ଯ୍ୟନ୍ତ ଏବଂ ଥାନା ଛକରୁ ପୂର୍ବରୁ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ରଖିବା ଉପରେ ନିଷେଧାଦେଶ ଜାରି ହୋଇଛି। ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ପ୍ରତ୍ୟହ ମାଲ ପରିବହନ କରୁଥିବା ଭାରୀଯାନ ଚଳାଚଳ କରୁଛି। ଏହାଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହି ଭାରୀଯାନଗୁଡିକ ସକାଳ ୮ରୁ ପୂର୍ବାହ୍ଣ ୧୧ଟା ଏବଂ ଅପରାହ୍ଣ ୫ରୁ ରାତି ୮ଟା ମଧ୍ୟରେ ପୌରାଞ୍ଚଳରେ ଚଳାଚଳ ନ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ଆଳିପିଙ୍ଗଳରୁ ଦେବୀ ନଦୀ ବନ୍ଧ ଉପରେ ବାଲି, ଲୁହା ପଥର, କ୍ରୋମ ପଥର, କୋଇଲା ଆଦି ପରିବହନ କରୁଥିବା ବହୁ ସଂଖ୍ୟାରେ ଟ୍ରକ୍, ଟ୍ରେଲର, ଟିପ୍ପର ଓ ୬ ଚକିଆ ଯାନ ଚଳାଚଳ କରୁଛି। ଏଥିଯୋଗୁ ଆଳିପିଙ୍ଗଳ ପୋଲ ଦୁର୍ବଳ ହୋଇପଡିଛି। ପୋଲଟି ଏବେ ମରାମତି ଅବସ୍ଥାରେ ରହିଛି। ତେଣୁ ଯାନଗୁଡିକ ପୋଲ ଉପରେ ଚଳାଚଳ ଉପରେ ଜିଲାପାଳ ନିଷେଧାଦେଶ ଜାରି କରିଛନ୍ତି। ଏହିସବୁ ନିର୍ଦ୍ଦେଶନାମା ୧୧।୧୧।୧୮ରୁ ୧୦।୧୨।୧୮ ପର୍ଯ୍ୟନ୍ତ ବଳବତ୍ତର ରହିବ ।



ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଯୋଗ ଶିକ୍ଷା ଶିବିରରେ ଉପସ୍ଥିତ ଯୋଗଶିକ୍ଷକ ଓ ଶିବିରାର୍ଥୀ।

## ମରାମତି ହେଉନି ଅଚଳ ପ୍ରକଳ୍ପ

**ବାଲିକୁଦା,୧୯।୧୧(ସ୍ୱ.ପ୍ର.)**



- ନଦୀ, ପୋଖରୀ ପାଣି ପିଉଛନ୍ତି ଲୋକେ
- ମେଗା ପ୍ରକଳ୍ପକୁ ଚାହିଁଛନ୍ତି ଅଧିକାରୀ
- ୨ ପଞ୍ଚାୟତର ୧୦ ଗ୍ରାମବାସୀ ହନ୍ତସନ୍ତ

ବାଲିକୁଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। କେଉଁଠି ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡିଛି ତ ଆଉ କେଉଁଠି ପାଇପ୍ ଫାଟି ପାଣି ଲିକ୍ ହେଉଛି। ତେଣୁ ଜନସାଧାରଣଙ୍କ ନିକଟରେ ପାନୀୟଜଳ ପହଞ୍ଚିପାରୁନାହିଁ। ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ମଧ ବିଭାଗ ପକ୍ଷରୁ ମରାମତି କରାଯାଉନାହିଁ। ଅନ୍ୟପକ୍ଷରେ ଏହି ବ୍ଲକରେ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି। ଏହି ପ୍ରକଳ୍ପକୁ ଅପେକ୍ଷା କରି ବିଭାଗୀୟ ଅଧିକାରୀମାନେ ପୂର୍ବରୁ ଥିବା ପାନୀୟଜଳ ପ୍ରକଳ୍ପଗୁଡିକୁ ମରାମତି କରିବାକୁ ଚାହୁଁ ନ ଥିବା ଜଣାପଡିଛି। ଫଳରେ ଅଚଳ ହୋଇପଡିଥିବା ପ୍ରକଳ୍ପରୁ ଲୋକେମାନେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ବ୍ଲକର ରାହାଣ ଓ ଓଷକଣା ପଞ୍ଚାୟତର ୧୦ ଗ୍ରାମର ଲୋକେ ବାଧହୋଇ ଏବେ ନଦୀ, ପୋଖରୀ ଜଳକୁ ପାନୀୟ ଭାବରେ ବ୍ୟବହାର କରୁଛନ୍ତି। ଏଥିଯୋଗୁ ସେମାନେ ବିଭିନ୍ନ ରୋଗ ଓ ସଂକ୍ରମଣର ଶିକାର ହେବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ଆମ୍ବଶାଳ ପାନୀୟଜଳ ପ୍ରକଳ୍ପରୁ ପାଇପ ଯୋଗେ ରାହାଣ ପଞ୍ଚାୟତର ଓରଣ୍ଡ, ଚତରାମୁଣ୍ଡେଇ, ମୁରୁଣିଆ, ରାହାଣ, ପ୍ରସନ୍ନପୁର ଓ ଓଷକଣା ପଞ୍ଚାୟତର ବଳଭଦ୍ରପୁର, ମନ୍ଦାରକଣ, ପାଇକେରାପୁର, ଡିଆ, ସାମନ୍ତରାପୁର ଗାଁକୁ ପିଇବା ପାଣି ଯୋଗାଇ ଦିଆଯାଉଛି। ସେହି ପାଇପକୁ ଅନେକ ସ୍ଥାନରେ କଣା କରି କେତେଜଣ ଲୋକ ବେଆଇନ୍ ଭାବେ ପାଣି ନେଉଥିବାରୁ ତଳମୁଣ୍ଡକୁ ଠିକ୍ ଭାବେ ପାଣି ଆସିପାରୁନାହିଁ। ଏଥିପାଇଁ ସରକାରଙ୍କ ପକ୍ଷରୁ ରାହାଣ ଦଣ୍ଡାରେ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆଉ ଏକ ଟାଙ୍କି ନିର୍ମାଣ କରାଯାଇଥିଲା। ଉକ୍ତ ଟାଙ୍କି ୩ ବର୍ଷ ହେଲା ନିର୍ମାଣ ସରିଥିଲେ ସୁଧା କାର୍ଯ୍ୟକ୍ଷମ ହେଉନାହିଁ। ଅନ୍ୟପକ୍ଷରେ ପାଣି ବାଟମାରଣା ହେବା ପରେ ଯାହା ଟୋପେ ଟୋପେ ପାଣି ଆସୁଥିଲା, ୫ ଦିନ ହେଲା ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେଣୁ ପିଇବା ପାଣି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ୧୦ ଗ୍ରାମର ଭୂତଳ ଜଳ ଲୁଣା ହୋଇଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁନାହିଁ। ତେଣୁ ବାଧହୋଇ ଲୋକେ ନଦୀ, ପୋଖରୀ ପାଣି ପିଉଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ୨ ପଞ୍ଚାୟତବାସୀ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯୋଗ ଶିକ୍ଷା ଶିବିର

**ବିରିଡ଼ି,୧୯।୧୧(ଡି.ଏନ.ଏ.)**

ସୁସ୍ଥ ଓ ଆରୋଗ୍ୟ ରହିବାକୁ ହେଲେ ଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ସୋମବାର ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଯୋଗ ଶିକ୍ଷା ଶିବିରରେ ବକ୍ତାମାନେ କହିଛନ୍ତି। ଏହି ଶିବିରରେ ଯୋଗଗୁରୁ ଚନ୍ଦ୍ରମଣୀ ସ୍ୱାଇଁ ଓ ରାକେଶ କୁମାର ସାହୁ ଉପସ୍ଥିତ ରହି ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ସମେତ ଜନପ୍ରତିନିଧି ଓ କର୍ମଚାରୀମାନଙ୍କୁ ବିଭିନ୍ନ ପ୍ରକାର ଯୋଗ, ପ୍ରାଣାୟାମ ଶିକ୍ଷା ଦେଇଥିଲେ। ପରେ ବିଶ୍ୱ ମଧୁମେହ ଦିବସ ଓ ବିଶ୍ୱ ମସ୍ତିଷ୍କାଘାତ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଡା.ବରଦା ପ୍ରସନ୍ନ ଜେନା, ଡା. ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଉଚ୍ଚ ରକ୍ତଚାପ, ମଧୁମେହ, କ୍ୟାନସର, ଶ୍ୱାସ, ବୃକକ ଜନିତ ରୋଗ ଆଦିର କାରଣ, ଲକ୍ଷଣ, ଖାଦ୍ୟ ତଥା ସଂଯମ ଜୀବନ ଶୈଳୀ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଭୋଇ ଉଦ୍‌ଘାଟନ କରିଥିଲେ। ଏବିଇଓ ବିଜୟ ଦ୍ୱିବେଦୀ, ବିପିଏମ ହରିହର ଚଇନି, ପିଏଚଇଓ ଭବାନୀ ଶଙ୍କର ହାଲଦାର, ପ୍ରଦୀପ୍ତ ସାହୁ, ଦୀପ୍ତିରଞ୍ଜନ ଦାଶ, ପ୍ରବୀର ବାରିକ, ତପସ୍ୱିନୀ ବସ୍ତିଆ ପ୍ରମୁଖ ସଞ୍ଚାଳନ କରିଥିଲେ।

## ବିଶ୍ୱ ଶୌଚାଳୟ ଦିବସ ପାଳିତ

**ତିର୍ତ୍ତୋଲ,୧୯।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆଖଣ୍ଡଳମଣୀ ନୋଡ଼ାଲ ବିଦ୍ୟାଳୟଠାରୁ କଟକ-ପାରାଦୀପ ରାସ୍ତା ଦେଇ ତିର୍ତ୍ତୋଲ ବ୍ଲକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶୌଚାଳୟ ବ୍ୟବହାର ସହିତ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡା, ବିଭାଗୀୟ ସହକାରୀ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ, ବ୍ଲକ ସଂଯୋଜକ ସନ୍ତୋଷିନୀ ପ୍ରଧାନ, ନିରଞ୍ଜନ ମଲ୍ଲିକ, ଆଖଣ୍ଡଳମଣୀ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।

**ବିରଡ଼ି,(ଡି.ଏନ.ଏ):** ବିରିଡ଼ି ବ୍ଲକ କୁଳକଇଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳିତ ହୋଇଛି। ଏଥିରେ ଏବିଡିଓ ଗିରିଜା ପ୍ରସାଦ ବାରିକ, ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ଏସିଇଓ ଶରତ ଚନ୍ଦ୍ର ମହାରଣା, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। କୁଳକଇଜଙ୍ଗା ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶୌଚାଳୟ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ସହ ଶପଥ ପାଠ କରାଯାଇଥିଲା। ସେହିପରି ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ବିମଳ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶୌଚାଳୟ ବ୍ୟବହାର ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପହଞ୍ଚି ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ବୁଝିଥିଲେ। ମାଷ୍ଟର ଟ୍ରେନର ମନୋଜ କୁମାର ସେଠୀ, ଲଳିତ ନାରାୟଣ ଦାଶ ଓ ରାଜକିଶୋର ଭୋଇ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ୯ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱ ଶୌଚାଳୟ ଦିବସ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଏରସମା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଶତାଧିକ ମହିଳା ହାତରେ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ଯୋଗଦେଇ କହିଲେ ଯେ ନୀରୋଗ ଜୀବନ ଯାପନ ପାଇଁ ଶୌଚାଳୟ ବ୍ୟବହାର ଜରୁରୀ। ଏ ଦିଗରେ ଜନସାଧାରଣ ସଚେତନ ହେବା ଆବଶ୍ୟକ। ଏଥିରେ ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ, ବିଭାଗୀୟ ଏସଡିଓ ଅଭିମନ୍ୟୁ ଦାସ, ୟୁନିସେଫର କର୍ମକର୍ତ୍ତା ଗଣେଶ ପଣ୍ଡା, କନିଷ୍ଠ ଯନ୍ତ୍ରୀ ତନ୍ମୟ କୁମାର ଦାସ, ଏରସମା ବ୍ଲକ ସଂଯୋଜକ ଶୁଭ ମିଶ୍ର, ମାଷ୍ଟର ଟ୍ରେନର ଜଗଦାନନ୍ଦ ପଣ୍ଡା, କ୍ଲଷ୍ଟର ସଂଯୋଜକ ଜଗନ୍ନାଥ ମହାନ୍ତି, ଆଶିଷ ବେହେରା ପ୍ରମୁଖ ଯୋଗଦେଇ ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।




ତିର୍ତ୍ତୋଲରେ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ହୋଇଥିବା ସଚେତନତା ଶୋଭାଯାତ୍ରା।

### ଗୋରେଖନାଥ ପୀଠ ପ୍ରବେଶ ପଥରେ ଟ୍ରାଫିକ୍ ସମସ୍ୟା

# ଦୋକାନୀଙ୍କ କବ୍‌ଜାରେ ରାସ୍ତା

**ରଘୁନାଥପୁର, ୧୯।୧୧( ଡି.ଏନ.ଏ.)**




ଗୋରେଖନାଥ ପ୍ରବେଶ ପଥରେ ରାସ୍ତା ଜାମ।

- ଫସି ରହୁଛନ୍ତି ଯାତ୍ରୀ
- ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ନାହିଁ
- ଶ୍ରଦ୍ଧାଳୁଙ୍କ ଆଗମନକୁ ଲକ୍ଷ୍ୟ ରଖି କରାଯାଉନି ବ୍ୟବସ୍ଥା

କାର୍ତ୍ତିକ ମାସ ଦଶମୀ ତିଥି ରବିବାରରେ ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ହୋଇ ଉଠିଥିଲା ଚଳଚଞ୍ଚଳ। ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ପୀଠ ମଧ୍ୟକୁ ହୋଇଥିଲା। ବିଶେଷକରି ଯାଁବାଳ ପକାଇବାକୁ ନିଜର ପିଲାଙ୍କୁ ନେଇ ଆସିଥିଲେ ପରିବାର ବର୍ଗ। ତେବେ ପୀଠ ମଧ୍ୟକୁ ଥିବା ପ୍ରବେଶ ପଥରେ ଟ୍ରାଫିକ୍ ସମସ୍ୟା ଦେଖା ଦେଇଥିଲା। ପ୍ରତି ମୁହୂର୍ତ୍ତରେ ଯାତ୍ରୀମାନେ ଫସି ରହୁଥିଲେ ରାସ୍ତା ଉପରେ। ପୀଠ ମଧ୍ୟରେ ଏକ ଫାଣ୍ଡି ରହିଥିଲେ ସୁଦ୍ଧା, ଭିଡକୁ ନିୟନ୍ତ୍ରଣ କରିବାକୁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଅପରପକ୍ଷରେ ରାସ୍ତାକୁ ଦୋକାନୀମାନେ କବ୍‌ଜାରେ ରଖିଥିବାରୁ ଏହା ସଂକୀର୍ଣ୍ଣ ହୋଇଯାଇଥିଲା। ଫଳରେ ଚାରିଚକିଆ ଯାନ ବିପରୀତ ପଟୁ ଆସିଲେ ପରସ୍ପରକୁ ଅତିକ୍ରମ କରିବାକୁ ଅସୁବିଧାର ସାମ୍ନା କରିବାକୁ ପଡୁଥିଲା। ପାଦରେ ଚାଲି ଚାଲି ଆସୁଥିବା ଶ୍ରଦ୍ଧାଳୁ କିମ୍ବା ଦୁଇ ଚକିଆ ବାଇକ୍ ଆରୋହୀମାନେ ରାସ୍ତା ଉପରେ ଛିଡା ହୋଇ ରହିବାକୁ ବାଧ ହୋଇଥିଲେ। ପସରା ମେଲାଇ ବସି ରହିଥିବା ସ୍ଥାୟୀ ଦୋକାନୀମାନେ ଯାତ୍ରୀଙ୍କ ସମସ୍ୟାକୁ ଭୁଲି ବେପାରକୁ ଗୁରୁତ୍ୱ ଦେଉଥିବା ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଟ୍ରଷ୍ଟବୋର୍ଡ ପକ୍ଷରୁ ମଧ କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ସୂଚନାଥାଉ କି ଗତ ଦେଢବର୍ଷ ତଳୁ ଟ୍ରଷ୍ଟ ବୋର୍ଡ ଗଠନ କାର୍ଯ୍ୟ ଆଇନ ବିଭାଗରେ ଲଟକି ରହିଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଦାୟିତ୍ୱରେ ଥିବା ଉପଜିଲାପାଳଙ୍କ ବ୍ୟସ୍ତ ଯୋଗୁ ସବୁ କିଛି ଏକମାତ୍ର ବ୍ୟକ୍ତି ତଦାରଖ କରିବା ଆଦୌ ସମ୍ଭବ ପର ହେଉନାହିଁ। ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଅବ୍ୟବସ୍ଥା ଲାଗି ରହିଥିଲେ ସୁଦ୍ଧା ଦେବୋତ୍ତର ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉନି। କେବଳ ବର୍ଷକୁ ଥରେ ପ୍ରଭୁଙ୍କ ଭୋଗ ଦୀପ, ଫୁଲ ଓ ଯାଁବାଳ ଦୋକାନ ନିଲାମ ପ୍ରକ୍ରିୟାକୁ ପ୍ରାଧାନ୍ୟ ଦିଆଯାଇଛି। ଯାହାଦ୍ୱାରା କି ନିଲାମଧାରୀ ଉପକୃତ ହେଉଥିବାବେଳେ ଟ୍ରଷ୍ଟ ବୋର୍ଡ ଆକାଉଣ୍ଟରେ ଧାର୍ଯ୍ୟ ଅର୍ଥ ଡିପୋଜିଟ୍ ହେବାର କୌଣସି ଅସୁବିଧା ହେଉନି। ଆଗକୁ ପିକ୍‌ନିକ୍ ଋତୁ ଥିବାରୁ ରାଜ୍ୟର କୋଣ ଅନୁକୋଣରୁ ପୀଠ ମଧ୍ୟକୁ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇବ। ଏବେଠାରୁ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ସମସ୍ୟାକୁ ଗୁରୁତର ସହ ନ ନେଲେ, ଆଗାମୀ ଦିନରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ହ୍ରାସ ପାଇବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ପୀଠକୁ ବୁଲିବାକୁ ଆସିଥିବା ଜଗତ୍‌ସିଂହପୁର ବାର ଅସୋସିଏଶନର ଦେବେନ୍ଦ୍ରନାଥ ସ୍ୱାଇଁ, ଧୀରେନ୍ଦ୍ର ଆଚାର୍ଯ୍ୟ, ଦେବାଶିଷ ଚୌଧୁରୀ, ଅନାମ ଚନ୍ଦ୍ର ଦାସ, ଯଦୁମଣି ବିଶ୍ୱାଳ, ନରେଶ କୁମାର ଦାସ ପ୍ରମୁଖ ଅବ୍ୟବସ୍ଥା ସମ୍ପର୍କରେ ମୁହଁ ଖୋଲିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ଟ୍ରଷ୍ଟବୋର୍ଡ ଗଠନ ଲାଗି ଆଇନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି। ତୁରନ୍ତ ପୀଠ ରାସ୍ତାକୁ ଉନ୍ମୁକ୍ତ, ପର୍ବପର୍ବାଣି ଓ ଭିଡ ଦିନରେ ବ୍ୟାପକ ପୋଲିସ ବ୍ୟବସ୍ଥା ସହ ଉତ୍ତମମାନର ଭୋଗ ବିକ୍ରି ଉପରେ ଦୃଷ୍ଟି ଦେବାକୁ ଜିଲାପାଳ ତଥା ଦେବୋତ୍ତର କମିଶନରଙ୍କ ନିକଟରେ ଅଞ୍ଚଳର ବୁଦ୍ଧିଜୀବୀ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ବରିଷ୍ଠ ନାଗରିକ ପରିଷଦ ବୈଠକ

**ପାରାଦୀପ,୧୯।୧୧(ସ୍ୱ.ପ୍ର.)**

ପାରାଦୀପ ବଡ଼ପଡିଆସ୍ଥିତ ଏକ ୟୁନିୟନ ପରିସରରେ ସୋମବାର ବରିଷ୍ଠ ନାଗରିକ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଗଠନର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବାବୁରାମ ଚୌଧୁରୀ, ଯଜ୍ଞ ରାଉତ, ହାରାମଣି ମହାପାତ୍ର, ଗଗନ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସମ୍ବିଧାନର ଧାରା ୪୧ ଅନୁସାରେ ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ନିୟମ ରହିଛି। ସେମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ବ୍ୟବସ୍ଥା, ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବସ୍, ଟ୍ରେନ୍ ଓ ବିମାନ ଯାତ୍ରାରେ ସ୍ୱତନ୍ତ୍ର ସୁବିଧା ରହିଛି। ହେଲେ ଅଧିକାଂଶ ସମୟରେ ସେମାନଙ୍କୁ ଅଣଦେଖା କରାଯାଉଛି। ସରକାର ବୃଦ୍ଧାବୃଦ୍ଧଙ୍କ ମାସିକ ଭତ୍ତା ୩୦୦ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା କରିବାକୁ ଏଥିରେ ଦାବି ହୋଇଥିଲା। ପ୍ରାରମ୍ଭରେ ପ୍ରତିଷ୍ଠାତା ସଦସ୍ୟ ପ୍ରହ୍ଲାଦ ସ୍ୱାଇଁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।



ଯୁକ୍ତିତର୍କ ଆରମ୍ଭ ହେଲେ ମଧୁର ଆଳାପର ମୃତ୍ୟୁ ହୋଇଯାଏ।
- ଲୁଡ୍‌ଉଇଙ୍ଗ୍



# ଓମ୍‌ପ୍ରକାଶ ମହାରଣା ଭଏସ୍ ଅଫ ନୟାଗଡ଼

ନୟାଗଡ଼ ଅଫିସ,୧୯।୧୧

ନୟାଗଡ଼ କ୍ଲବ ଆନୁକୂଲ୍ୟରେ ଜିଲାରେ ପ୍ରଥମଥର ପାଇଁ ସ୍ୱର ଓ ମୂର୍ଚ୍ଛନାର ପ୍ରତିଯୋଗିତା ଭଏସ୍ ଅଫ ନୟାଗଡ଼ର ରବିବାର ଥିଲା ଫାଇନାଲ୍ ରାଉଣ୍ଡ। ସ୍ଥାନୀୟ ଖେଳପଡ଼ିଆଠାରେ ଅନୁଷ୍ଠିତ ଫାଇନାଲ୍ ରାଉଣ୍ଡରେ ସମସ୍ତ ପ୍ରତିଯୋଗୀ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। କିଏ ଅବଢ଼ା ମୁଠାଏ ମିଳୁ ମତେ ମହାବାହୁ, ମେଘ ବରଷିଲା ଟୁପୁରୁଟାପୁର, ଫୁର୍‌କିନା ଉଡ଼ିଗଲା ବଣି ଭଳି ଆଧୁନିକ ଗୀତ ବୋଲି ପ୍ରତିଯୋଗୀମାନେ ବିଚାରକମଣ୍ଡଳୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଦର୍ଶକ ମଧ୍ୟ ଗୀତର ତାଳେ ତାଳେ ମତୁଆଲା ହେଉଥିବା ଦେଖିବାକୁ ମିଳିଥିଲା। ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଭାପୁର ବ୍ଲକ କଇଁଫୁଲିଆ ଗ୍ରାମର ଓମ୍‌ପ୍ରକାଶ ମହାରଣାଙ୍କୁ ବିଚାରକମଣ୍ଡଳୀ ଭଏସ୍ ଅଫ ନୟାଗଡ଼ ଭାବେ ବାଛିଥିଲେ। ୮୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଭଏସ୍ ଅଫ ନୟାଗଡ଼ର ଚାମ୍ପିୟନ୍ ଟ୍ରଫି ହାସଲ କରିଥିଲେ ଓମ୍‌ପ୍ରକାଶ। ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ, ବାପା ପ୍ରାଣକୃଷ୍ଣ ମହାରଣା ଓ ମାଆ ସୀମାରାଣୀ ମହାରଣାଙ୍କୁ ଏହାର ଶ୍ରେୟ ଦେଇଛନ୍ତି ଓମ୍‌ପ୍ରକାଶ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ସଂସ୍କୃତ (ସମ୍ମାନ)ରେ ପଢୁଥିବା ଓମ୍‌ପ୍ରକାଶ ଆଗାମୀ ଦିନରେ ସଙ୍ଗୀତ ଶିକ୍ଷା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ତଥା ବିଚାରକ ଭାବେ ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ସହନିର୍ଦ୍ଦେଶକ ତଥା ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଉତ୍କଳ ସଂଗୀତ ମହାବିଦ୍ୟାଳୟ ଅଧ୍ୟାପକ ନିମାକାନ୍ତ ରାଉତରାୟ ଯୋଗଦେଇ ଜିଲାରେ ଏଭଳି କାର୍ଯ୍ୟକ୍ରମର ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

ପ୍ରକାଶ ଯେ ଅକ୍ଟୋବର ୭ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଜିଲାର ୮ ବ୍ଲକରେ ଅଡ଼ିସନ କରାଯାଇ ୮୨ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଟପ୍ ୨୦ ଓ ପରେ ଟପ୍ ୧୦ ବଛାଯାଇଥିଲା। ଟପ୍ ୧୦ ପ୍ରତିଯୋଗୀଙ୍କ କଣ୍ଠସ୍ୱର ରବିବାର ସନ୍ଧ୍ୟାରେ ମାହୋଲକୁ ରଙ୍ଗିନ କରିଦେଇଥିଲା। ଦୁଇଟି ରାଉଣ୍ଡରେ ପ୍ରଥମେ ଟପ୍ ୫ ଓ ପରେ ଟପ୍ ୩ ବଛାଯାଇଥିଲା। ଏହା ପରେ ଟପ୍ ୩ଜଣଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଭଏସ୍ ଅଫ ନୟାଗଡ଼ ଭାବେ ଓମ୍‌ପ୍ରକାଶଙ୍କୁ ଚୟନ କରାଯାଇଥିଲା। ଏଥିପାଇଁ ତାଙ୍କୁ ୧୦ ହଜାର ଟଙ୍କା ଓ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଟପ୍ ୩ରେ ଥିବା ରାଗ୍ରେଶୀ ଦାସ ଓ ପ୍ରୟାତାତ୍ମା ରଥଙ୍କୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଥିଲା। ବାକି ୭ ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ପ୍ରସନ୍ନ କୁମାର ବସନ୍ତିଆ, ସଞ୍ଜୟ କୁମାର ସ୍ୱାଇଁ, ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅତିଥିମାନେ ଓମ୍‌ପ୍ରକାଶଙ୍କୁ ଭଏସ ଅଫ ନୟାଗଡ଼ ଟ୍ରଫି ପ୍ରଦାନ କରୁଛନ୍ତି।



ଟପ୍ ୩ ପ୍ରତିଯୋଗୀ।

- ୮୨ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜିତିଲେ ଟ୍ରଫି
- ଟପ୍ ୩ରେ ରହିଲେ ରାଗ୍ରେଶୀ ଓ ପ୍ରୟାତାତ୍ମା

## କଲେଜରେ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୯।୧୧(ସ୍ୱ.ପ୍ର.):** ଭଏସ୍ ଅଫ ନୟାଗଡ଼ ବିଜେତା ଓମ୍‌ପ୍ରକାଶଙ୍କୁ ସୋମବାର ନୀଳମାଧବ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କର ଉତ୍ତୋରତ୍ତର କାମନା କରାଯାଇଛି। ସଭାରେ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଇତିହାସ ବିଭାଗ ମୁଖ୍ୟ ବଳରାମ ଲେଙ୍କା, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ମାନସୀ ଦ୍ୱାରି, ଅଧ୍ୟାପକ ପ୍ରକାଶ ରାଉତ, ଅଧ୍ୟାପିକା ସରଳା ବେହେରା ଯୋଗଦେଇଥିଲେ।

## କାଳିଗିରି ପୋଲର ଉଚ୍ଚତା ବୃଦ୍ଧି ପାଇଁ ପ୍ରଶାସନିକ ଅନୁମତି ମିଳିଲା

ଭାପୁର,୧୯।୧୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ କାଳିଗିରି ନଦୀ ଉପରେ ନିର୍ମିତ ହୋଇଥିବା ପୋଲର ଉଚ୍ଚତା ବୃଦ୍ଧି ପାଇଁ ପ୍ରଶାସନିକ ଅନୁମତି ମିଳିଲା। ଏଥିପାଇଁ ୯ କୋଟି ୭୩ ଲକ୍ଷ ୬୯ହଜାର ଟଙ୍କା ଖର୍ଚ୍ଚ ହେବ। ଭାପୁର ଓ ଖଣ୍ଡପଡ଼ା ବ୍ଲକ ସହ ଗଣିଆ ଅଞ୍ଚଳର ଲାଇଫ୍ ଲାଇନ କୁହାଯାଉଥିବା ବାଘମାରୀ-ଦଶପଲ୍ଲା ରାଜ୍ୟ ରାଜପଥର କାଳିଗିରି ନଦୀ ଉପରେ ଏହି ପୋଲ ନିର୍ମାଣ ହୋଇଛି। କିନ୍ତୁ ଏହା ନିଚା ହୋଇଥିବାରୁ ବନ୍ୟା ସମୟରେ ବୁଡ଼ିଯାଇ ବିପଦ ସୃଷ୍ଟି କରିଥାଏ। ଏହାଯୋଗୁ ଉପରୋକ୍ତ ଅଞ୍ଚଳକୁ ଗମନାଗମନ ଠପ୍ ହୋଇଯାଇଥାଏ। ୪ ଲକ୍ଷ ଲୋକ ଜଳବନ୍ଦୀ ହୋଇ ନୟାଗଡ଼ ରାସ୍ତା ଦେଇ ଭୁବନେଶ୍ୱର ଯାଇଥାନ୍ତି। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ଏହି ସମସ୍ୟା ଦୂର ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପୋଲର ଉଚ୍ଚତା ବୃଦ୍ଧି ପାଇଁ ୯କୋଟି ୭୩ ଲକ୍ଷ ୬୯ ହଜାର ଟଙ୍କାର ଏଷ୍ଟିମେଟ ହୋଇଥିବା ରାଜ୍ୟ ଇଞ୍ଜିନିୟର ଇନ୍ ଚିଫ୍ ସିଭିଲଙ୍କ ଅଫିସର ଚିଠି ନମ୍ବର ୪୯୯୭୨ ତା୧୬।୧୧।୧୮ରିଖରୁ ଜଣାପଡିଛି। ଏହି ଅର୍ଥରେ ପୋଲର ଉଚ୍ଚତା ବୃଦ୍ଧି ସହ ରାସ୍ତାର ଦୁଇ ପଟୁ ୨୫୦ମିଟର ଲେଖାଏଁ ଆପ୍ରୋଚ ଉଚ୍ଚା କରାଯିବ। ରାସ୍ତାର ଦୁଇ କଡ଼ରେ ୨.୫୦ମିଟର ଉଚ୍ଚର ଗାର୍ଡୱାଲ ମଧ୍ୟ ନିର୍ମାଣ କରାଯିବ।

## ସଂକ୍ଷେପରେ

### ଲଡ୍ଡୁବାବାଙ୍କ ପୀଠରେ ପଞ୍ଚୁକ ଆରମ୍ଭ



**ନୟାଗଡ଼ ଅଫିସ,୧୯।୧୧:** ନୟାଗଡ଼ ଜିଲା ଶରଣକୁଳ ଲଡ୍ଡୁବାବାଙ୍କ ପୀଠରେ ସୋମବାର ଏକାଦଶୀ ତିଥିଠାରୁ ପଞ୍ଚୁକ ବ୍ରତ ଆରମ୍ଭ ହୋଇଛି। ପାର୍ଶ୍ୱଦେବତା ଭାବେ ପୂଜା ପାଉଥିବା ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ପ୍ରଭୁ ବଳଭଦ୍ରଙ୍କୁ ବିଭିନ୍ନ ବେଶରେ ସୁସଜ୍ଜିତ କରାଯାଇଥିଲା। ପରେ ଶ୍ରୀ ଜଗନ୍ନାଥଙ୍କ ଗଜ ଉଦ୍ଧାରଣ ବେଶ କରାଯାଇଥିଲା। ସନ୍ଧ୍ୟାରେ ଏହି ବେଶ୍ ଦେଖିବା ପାଇଁ ଶହ ଶହ ଭକ୍ତଙ୍କ ଭିଡ଼ ଲାଗିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଲେ ନୀଳମାଧବ ଜୀଉ



**ଖଣ୍ଡପଡ଼ା,୧୯।୧୧(ସ୍ୱ.ପ୍ର.):** କାର୍ତ୍ତିକ ଏକାଦଶୀ ସୋମବାରଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶ୍ରୀନୀଳମାଧବ ଜୀଉଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିବାର ପରମ୍ପରା ରହିଛି। ଏହି ଅବସରରେ ସୋମବାର ସକାଳ ଓ ସନ୍ଧ୍ୟାରେ ଠାକୁରଙ୍କୁ ଲକ୍ଷ୍ମୀନାରାୟଣ ବେଶରେ ସଜ୍ଜା ଯାଇଥିଲା। ଠାକୁରଙ୍କୁ ଏହି ବେଶରେ ଭକ୍ତମାନେ ଦର୍ଶନ କରିଥିଲେ। ଏକାଦଶୀ ତିଥି ଅବସରରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତେବେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ରାଜ୍ୟ ତଥା ବାହାରୁ ଆସିଥିବା ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### କାର୍ତ୍ତିକେଶ୍ୱର ପୂଜା ଆରମ୍ଭ



**ଖଣ୍ଡପଡ଼ା,୧୯।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ଦେବ ସେନାପତି କୁମାର କାର୍ତ୍ତିକେଶ୍ୱରଙ୍କ ପୂଜା ଆରମ୍ଭ ହୋଇଯାଇଛି। ସୋମବାର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ପ୍ରଭୁ କାର୍ତ୍ତିକେଶ୍ୱର ଦେବଙ୍କ ପୂଜା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

### ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗ

**ଦଶପଲ୍ଲା,୧୯।୧୧ (ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଆଦିବାସୀ ବହୁଳ ଘୁଗୁଡିପଡା ପଞ୍ଚାୟତ ଖଳିଘଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ସୋମବାର ପରଲୋକ ଘଟିଛି। ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିବା ରବୀନ୍ଦ୍ରଙ୍କ ଘର ରାଇମଡା ଗ୍ରାମରେ। ରବିବାର ସେ ପେଟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ସୋମବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବ

# ଦକ୍ଷତା ପ୍ରଦର୍ଶନ କଲେ ନୟାଗଡ଼ ଝିଅ

ନୟାଗଡ଼ ଅଫିସ,୧୯।୧୧

### ଜାତୀୟସ୍ତରରେ ଦେଖାଇବେ ପ୍ରତିଭା

ଯାଜପୁର ଜିଲାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ୪ଦିନ ଧରି ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ଜିଲାର ଛାତ୍ରୀମାନେ ଭାଗନେଇ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ୩୦ ଜିଲା ମଧ୍ୟରୁ ନୟାଗଡ଼ ଜିଲା ଏକକ ଅଭିନୟ (ୱାନ ଆକ୍ଟ ପ୍ଲେ)ରେ ପ୍ରଥମ ହୋଇ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଛାତ୍ରୀନିବାସ ଅନ୍ତେବାସୀମାନେ ହିନ୍ଦୀ ଏକାଙ୍କିକା ଆଇନା ବିଷୟବସ୍ତୁକୁ ଚମତ୍କାର ଭାବେ ପ୍ରଦର୍ଶନ କରି ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା ରୀନାବାଳା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ହୋଇଥିବା ଏହି ଏକାଙ୍କିକାରେ ନାରୀ ସଶକ୍ତୀକରଣ, ବେଟି ବଚାଓ ବେଟି ପଢ଼ାଓ, କନ୍ୟାଭ୍ରୂଣ ସୁରକ୍ଷା ବିଷୟବସ୍ତୁକୁ ପ୍ରାଥମିକତା ଦିଆଯାଇଥିଲା। ସୁଦୀପ୍ତି, ପ୍ରିୟଦର୍ଶନୀ, ପଲ୍ଲବୀ, ଖୁଲଣା, ଅର୍ପିତା, ସୋନାଲୀଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କଠାରୁ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ୬୦୦୦ ଟଙ୍କା ଓ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ମଧ୍ୟ ଆଉ ଜଣେ ଝିଅଙ୍କୁ ସଫଳତା ମିଳିଛି। ବାକ୍‌ପଟୁତାରେ ନୟାଗଡ଼ ମହର୍ଷି ବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ନୟାଗଡ଼ ପାଇଁ ଗର୍ବ ଓ ଗୌରବ ବୋଲି କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ କହିଛନ୍ତି। ବିଭିନ୍ନ ସମୟରେ ବାଲ୍ୟ ବିବାହ, ନାରୀ ନିର୍ଯାତନା, କନ୍ୟା ଭ୍ରୂଣ ନଷ୍ଟ ଆଦି ପ୍ରସଙ୍ଗ ଜିଲାକୁ ନିନ୍ଦିତ କରିଥିବାବେଳେ ଏହା ନିଶ୍ଚୟ ଖୁସିର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।



ଛାତ୍ରୀମାନେ ଏକକ ଅଭିନୟ ପ୍ରଦର୍ଶନ କରୁଛନ୍ତି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରିଗଲା

ଦଶପଲ୍ଲା,୧୯।୧୧ (ଡି.ଏନ୍.ଏ.)

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରି ରାଜ୍ୟ ଓ ରାଜ୍ୟ ବାହାରେ ଯେପରି ପରିପ୍ରକାଶ କରିପାରିବେ ସେଥିପାଇଁ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୬ ଓ ୧୭ ତାରିଖ ୨ଦିନ ଧରି ଦଶପଲ୍ଲା ବ୍ଲକ ଟାକରା ଉଚ୍ଚ ବିଦ୍ୟାଳୟ, ବୁଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରିଗଲା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ନିଜର ପ୍ରତିଭା ପରିପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିବା ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶ୍ରୀରଘୁନାଥଜୀଉଙ୍କ ଗଜ ଉଦ୍ଧାରଣ ବେଶ

ଓଡ଼ଗାଁ, ୧୯।୧୧(ସ୍ୱ.ପ୍ର.)

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଦର୍ଶନ ନିମନ୍ତେ ମହା କାର୍ତ୍ତିକ ମାସରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଶ୍ରୀଜୀଉ ସୋମବାର କାର୍ତ୍ତିକ ବଡ ଏକାଦଶୀ ସନ୍ଧ୍ୟାରେ ଗଜ ଉଦ୍ଧାରଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ସାଢେ ୫ଟାରେ ଦୁଆରଫିଟା ପରେ ଶ୍ରୀଜୀଉଙ୍କୁ ମହାସ୍ନାନ, ଚନ୍ଦନ ତୁଳସୀ ଫୁଲହାର ଲାଗି କରାଯାଇ ସନ୍ଧ୍ୟାଭୋଗ ସହିତ ସନ୍ଧ୍ୟା ଆଳତି କରାଯାଇଥିଲା। ପଞ୍ଚକର ପ୍ରଥମ ଦିନରେ ପ୍ରଭୁ ଶ୍ରୀରଘୁନାଥ ନାରାୟଣ ଓ ମା' ସୀତା ଲକ୍ଷ୍ମୀଙ୍କ ବେଶରେ ଗରୁଡ ଉପରେ ଆସ୍ଥାନ କରି ମର୍ତ୍ତ୍ୟମଣ୍ଡଳକୁ ଆଗମନ କରିଛନ୍ତି। ଗଭୀର ଜଳରେ ସଙ୍କଟରେ ପଡିଥିବା ଗଜରାଜକୁ କୁମ୍ଭୀର କବଳରୁ ଉଦ୍ଧାର କରୁଥିବା ଦୃଶ୍ୟରେ ପ୍ରଭୁ ଦର୍ଶନ ଦେଇଛନ୍ତି। ପାଳିଆ ପଣ୍ଡା ପ୍ରସନ୍ନ କୁମାର ଦାଶଙ୍କ ସହିତ ବାହିନୀପତି ବଂଶର ବେଶକାରୀମାନେ ଶ୍ରୀଜୀଉଙ୍କୁ ବେଶ କରିଥିଲେ। ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଓ ପୂଜକ ପରିଷଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗଜାନନ ବେଶରେ ଶ୍ରୀରଘୁନାଥଜୀଉ।

## ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ବୈଠକ

**ରଣପୁର,୧୯।୧୧(ସ୍ୱ.ପ୍ର.):** ରଣପୁର ବ୍ଲକ୍ ଅନ୍ତର୍ଗତ କେରଣ୍ଡାଟାଙ୍ଗୀଠାରେ ଯୁବ ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସର ଏକ ବୈଠକ ବ୍ଲକ୍ ସଭାପତି ବାଳକୃଷ୍ଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗଦେଇ ରଣପୁର ଅଞ୍ଚଳରେ ଏହାକୁ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ କଂଗ୍ରେସ ନେତା ବିପିନ ବିହାରୀ ନାୟକ, ମିର ଅବୁବକର ସିଦ୍ଧିକ, ରଞ୍ଜନ କୁମାର ପ୍ରଧାନ, ସନ୍ତୋଷ କୁମାର ଯେନା ଓ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୧୯।୧୧

ନୟାଗଡ଼ ପୁରୁଣା ସହରଠାରେ ସୋମବାର ସନ୍ଧ୍ୟାରେ ବୋଇତ ବନ୍ଦାଣ ଉତ୍ସବ ୨୦୧୮ ଉଦ୍‌ଘାଟିତ ହୋଇଯାଇଛି। ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍କଳୀୟ ପରମ୍ପରା ତଥା ଐତିହାସିକ ବୋଇତ ବନ୍ଦାଣକୁ ମନେପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ କରାଯାଉଥିବା ଏହି ଉତ୍ସବ ନୂତନ ପିଢ଼ିକୁ ଶୁଭବାର୍ତ୍ତା ଦେବ ବୋଲି ପ୍ରଧାନ ପ୍ରକାଶ କରିଥିଲେ। ଏହା ପରେ ରଘୁରାଜପୁରର ଦଶଭୂଜା ଗୋଟିପୁଅ ନୃତ୍ୟ ଓ କଟକ ପାୟଲ ଡ୍ୟାନ୍ସ ଗ୍ରୁପ୍ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସକାଳେ ଉତ୍ସବ ଅବସରରେ ଜଗନ୍ନାଥ ମନ୍ଦିରଠାରୁ ଟାଉନ ହଲ୍ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବୋଇତ ବନ୍ଦାଣ ଉତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଓଡ଼ଗାଁ, ୧୯।୧୧(ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକରେ ନୟାଗଡ଼ ଜିଲାପାଳ ଡ. ଏନ ତିରୁମାଲା ନାୟକଙ୍କ ଦ୍ୱିମାସିକ ଜନଶୁଣାଣି ଶିବିର ସୋମବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବରରେ ସମୁଦାୟ ୮୩ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥି ମଧ୍ୟରୁ ୨ଟି ସାମୂହିକ ଥିଲା। ୫୭ଟି ଅଭିଯୋଗକୁ ଜିଲାପାଳ ବିଭିନ୍ନ ଅଧିକାରୀଙ୍କ ମାଧ୍ୟମରେ ତୁରନ୍ତ ସମାଧାନ କରିଥିଲେ। ସେହିପରି ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହେବାକୁ ୧୯ ଜଣଙ୍କ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସୁନାମୁହିଁ ଗ୍ରାମ ପଞ୍ଚାୟତର ବହୁ ବୟୋବୃଦ୍ଧଙ୍କୁ ଏଯାବତ୍ ବାର୍ଦ୍ଧକ୍ୟଭତ୍ତା ମିଳି ନ ଥିବା ଜଣେ ସାମାଜିକ କର୍ମୀ ଅଭିଯୋଗ କରିଥିଲେ। ଜୁଲାଇ ୧୦ ତାରିଖରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓଡ଼ଗାଁ ଗସ୍ତ କରିବା ଅବସରରେ ତହସିଲ ଅଫିସ ସଂଲଗ୍ନ ପାନ୍ଥଶାଳାକୁ ପୁନରୁଦ୍ଧାର କରିବା ନିମନ୍ତେ ପ୍ରତିଶ୍ରୁତି ଦେବା ସହିତ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଦେଇଥିଲେ । ହେଲେ ଏଯାବତ୍ ପରିତ୍ୟକ୍ତ ପାନ୍ଥନିବାସକୁ ପୁନରୁଦ୍ଧାର କିମ୍ବା କାର୍ଯ୍ୟକ୍ଷମ କରିବାକୁ ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇ ନ ଥିବା ଆମ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ଗାଁ-ନୟାଗଡ଼ ରାସ୍ତାରେ ବେଆଇନ ହମ୍ପସ୍ ଉଠାଇବାକୁ କେତେକ ଆଇନଜୀବୀ ଓ ଖବରଦାତା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଜିଲାପାଳ ଜିଲା ପର୍ଯ୍ୟଟନ ଅଧିକାରୀ ଓ ପୂର୍ତ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ କରିବା ସହିତ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲାପାଳ ପନ୍ତିଖାରୀ ଶାସନ ଗସ୍ତ କରିବା ସହିତ ଗାଁ ମୁଣ୍ଡରେ ଥିବା ବେଢାବନ୍ଧ ପାଣିକୁ ଜଳ ସେଚନ ନିମନ୍ତେ ବ୍ୟବହାର କରିବାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନୁଦାନରେ କେନାଲ ନିର୍ମାଣ କରିବା ନେଇ ବିଡିଓ ମନୋଜ ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ତହସିଲଦାର ମନୋଜ କୁମାର ନାୟକ, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦନ କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକ, ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରା ଓ ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଜିଲାପାଳ।

- ୮୩ ଅଭିଯୋଗ ପଞ୍ଜୀକୃତ, ୫୭ ତୁରନ୍ତ ସମାଧାନ
- ଖାଦ୍ୟ ନିରାପତ୍ତା ଅଭିଯୋଗ ୧୯ ଓ ୨ ସାମୂହିକ

## ସଂକ୍ଷେପରେ

### ବଟେଶ୍ୱର ପୀଠ ଜଙ୍ଗଲରେ ନିଆଁ

ଗଞ୍ଜାମ, ୧୯।୧୧ (ଡି.ଏନ.ଏ.)-ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମସ୍ଥିତ ବଟେଶ୍ୱରଙ୍କ ପୀଠ ନିକଟ ଜଙ୍ଗଲରେ ସୋମବାର ନିଆଁ ଲାଗିଯାଇଥିଲା। କାର୍ତ୍ତିକ ଶେଷ ସୋମବାର ଯୋଗୁ ହଜାର ହଜାର ଶ୍ରଦ୍ଧାଳୁ ଶାନ୍ତି ଶୃଙ୍ଖଳାରେ ଧାଡ଼ିରେ ଯାଇ ବଟେଶ୍ୱରଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାଇକ ଦ୍ୱାରା ଜଙ୍ଗଲରେ ନିଆଁ ଲାଗି ଯାଇଥିବା ସମ୍ପର୍କରେ କୁହାଯାଇଥିଲା। ଶିଶୁ, ମହିଳା ଭକ୍ତ ସତର୍କ ରହିବା ପାଇଁ ଘୋଷଣା ହୋଇଥିଲା। ଏହା ଶୁଣି ରାସ୍ତାରେ ଆସୁଥିବା ଭକ୍ତମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ । ପାଲିବନ୍ଧ ସରପଞ୍ଚ ଦିଲୀପ ଛୋଟରାଏ ଏବଂ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରମ୍ଭା ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ।

### କାର ଦୁର୍ଘଟଣାଗ୍ରସ୍ତ

ବେଗୁନିଆପଡ଼ା,୧୯।୧୧(ଡି.ଏନ.ଏ.)-ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ଷଣ୍ମୂଳ ପଞ୍ଚାୟତ ଶାଳବଣ ଶ୍ମଶାନ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଚାଳକ ଉପେନ୍ଦ୍ର ସ୍ୱାଇଁ ସାମାନ୍ୟ ଆହତ ହୋଇଛନ୍ତି। କାର୍‌ରେ ଅନ୍ୟ କେହି ନ ଥିଲେ। କାରଟି ବ୍ରହ୍ମପୁରରୁ ଅଙ୍ଗାରଗାଁ ଫେରୁଥିବା ବେଳେ ଶାଳବଣ ନିକଟ ରାସ୍ତାରେ ହଠାତ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ପଲଟି ଯାଇ ପୁଣି ସିଧା ହୋଇଯାଇଥିଲା। ବେଗୁନିଆପଡ଼ା ପୋଲିସ ପହଞ୍ଚି କାରଟିକୁ ଜବତ କରି ତଦନ୍ତ ଚଳାଇଛି। ତାହା ଅଙ୍ଗାରଗାଁର କେ. ପ୍ରଶାନ୍ତ କୁମାର ପାତ୍ରଙ୍କର ବୋଲି ପୋଲିସ କହିଛି।

### ବାଲିଛାଇ ସରପଞ୍ଚ ପୁରସ୍କୃତ

ହାତାଓଟ,୧୯।୧୧-ବିଶ୍ୱ ସ୍ୱଚ୍ଛତା ଦିବସ ଅବସରରେ ସୋମବାର ଛତ୍ରପୁରଠାରେ ଥିବା ଡିଆର୍‌ଡିଏ ଗୃହରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦ୍ୱାରା ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ପଞ୍ଚାୟତ ସରପଞ୍ଚ ମନୋଜ କୁମାର ପ୍ରଧାନ ପୁରସ୍କୃତ ହୋଇଛନ୍ତି। ୨୦୧୭-୧୮ ବର୍ଷରେ ପଞ୍ଚାୟତରେ ୮୭୨ଟି ଶୌଚାଳୟ ସମ୍ପୂର୍ଣ୍ଣ କରିବାକୁ ଥିବା ବେଳେ ସରପଞ୍ଚ ୮୫୭ଟି ଠିକ୍ ସମୟରେ କାର୍ଯ୍ୟ ଶେଷ କରିଛନ୍ତି। ଜମିଜମା ବିବାଦ ଲାଗିଥିବାରୁ ୨୦ଟି ଶୌଚାଳୟ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଛି। ସରପଞ୍ଚ ପ୍ରଧାନ ପୁରସ୍କୃତ ହୋଇଥିବାରୁ ବିଡିଓ ଶମ୍ଭୁନାଥ ନନ୍ଦୀ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଶୌଚାଳୟ ଦାୟିତ୍ୱରେ ଥିବା ସଂଯୋଜକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ସାପ କାମୁଡ଼ାରେ ନାବାଳକ ମୃତ

କୁକୁଡ଼ାଖଣ୍ଡି,୧୯।୧୧(ଡି.ଏନ.ଏ.)-କୁକୁଡ଼ାଖଣ୍ଡି ତହସିଲ ଅଧିନ ମସିହାଖାଲି ନୂଆ ସାହିରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାହ୍ନୁ ସାହୁଙ୍କ ପୁଅ ରାଜା (୯) । ଶନିବାର ଅପରାହ୍ନରେ ରାଜା ସାଙ୍ଗମାନଙ୍କ ସହ ମିଶି କୋଳି ଆଣିବା ପାଇଁ ସ୍କୁଲ ନିକଟକୁ ଯାଇଥିଲେ। ସେଠାରେ ତାଙ୍କୁ କୌଣସି ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ସନ୍ଧ୍ୟାରେ ରାଜାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମସିହାଖାଲି ସରପଞ୍ଚ ପ୍ରତିନିଧି ଶିବରାମ ମହାରଣା ଏ ନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଶିବରାମ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

### କୋଠଗୃହ ଉନ୍ନତୀକରଣ ଉଦ୍‌ଘାଟିତ

ବୁଗୁଡ଼ା, ୧୯।୧୧ (ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ୧୦ନଂ ୱାର୍ଡ ଯାଦବ ସାହିର ନୂତନ କୋଠଗୃହ ଓ ନାମ ସଂକିର୍ତ୍ତନ ଗୃହର ଉନ୍ନତୀକରଣକୁ ବିଧାୟକ ଶ୍ରୀକାନ୍ତ ସାହୁ ସୋମବାର ଉଦଘାଟନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସିର ପୂର୍ବତନ ଉପାଧକ୍ଷ ଚିତ୍ରସେନ ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ପାଢ଼ୀ, କାଉନସିଲର ଗୀତାଞ୍ଜଳି ପାଢ଼ୀଙ୍କ ସମେତ ୧୦ ନଂ ୱାର୍ଡବାସୀ ଉପସ୍ଥିତ ଥିଲେ ।

## ■ ଶୌଚାଳୟ ନିର୍ମାଣରେ ସଫଳତା

# ପ୍ରଶଂସା କଲେ କେନ୍ଦ୍ର ସରକାର, ବିଶ୍ୱ ଶୌଚାଳୟ ସଂସ୍ଥା

ଛତ୍ରପୁର,୧୯।୧୧(ଡି.ଏନ.ଏ)

ଛତ୍ରପୁରସ୍ଥିତ ଜିଲା ପରିଷଦ ଭବନରେ ସୋମବାର ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାମାଞ୍ଚଳରେ ଘରୋଇ ପାଇଖାନା ନିର୍ମାଣ କାର୍ଯ୍ୟରେ ସଫଳତା ପାଇଁ ବିଡିଓ, ସରପଞ୍ଚ, ସ୍ୱେଚ୍ଛାସେବୀ, ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ, ଅଫିସ ଷ୍ଟାଫ୍‌ମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲାରେ ୬ ଲକ୍ଷ ଶୌଚାଳୟ ନିର୍ମାଣ ପାଇଁ ଟାର୍ଗେଟ ଥିବାବେଳେ ୫ ଲକ୍ଷ ୫୦ ହଜାରଟିର ନିର୍ମାଣ ସରିଛି । ଡିସେମ୍ବର ୩୧ ସୁଦ୍ଧା ଗଞ୍ଜାମକୁ ବାହ୍ୟ ମଳମୁକ୍ତ ଜିଲା କରିବାକୁ ଟାର୍ଗେଟ ରହିଛି । ଏହାକୁ ପୂରଣ କରିବା ପାଇଁ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସଫଳତା ପାଇଁ ବିଶ୍ୱ ଶୌଚାଳୟ ସଂସ୍ଥାର ପ୍ରତିଷ୍ଠାତା ଜାକ୍ ସିନ୍ ଏବଂ ଭାରତ ସରକାରଙ୍କ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ ପରମେଶ୍ୱର ଆୟର ଜିଲା ପ୍ରଶାସନକୁ ପ୍ରଶଂସା କରିଥିବା ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ପରେ ଜିଲାପାଳ ଏବଂ ଉପସ୍ଥିତ ଅନ୍ୟମାନଙ୍କ ପକ୍ଷରୁ ଧନ୍ୟବାଦ ବାର୍ତ୍ତା ପଠା ଯାଇଥିଲା । ଘରୋଇ ପାଇଖାନା ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ବାବନପୁର ସରପଞ୍ଚ ସୌଦାମିନୀ ନାୟକ, ସ୍ୱେଚ୍ଛାସେବୀ ଏସ୍ ଲକ୍ଷ୍ମୀ ନାରାୟଣ ଦୋରା, ବେଗୁନିଆପଡା ବିଡିଓ ପ୍ରଦୀପ କୁମାର ପଣ୍ଡା, ସୁମଣ୍ଡଳ



ଛତ୍ରପୁର ବିଡିଓ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସରପଞ୍ଚ ସନ୍ତୋଷିନୀ ସାହୁ, ସ୍ୱେଚ୍ଛାସେବୀ ଶିବ ଶଙ୍କର ବାରିକ, ଭଞ୍ଜନଗର ବିଡିଓ ଅନିଲ ସେଠୀ, ତୁଳୁମ୍ଭ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ମାନସ ରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, କନିଷ୍ଠ ଯନ୍ତ୍ରୀ ମଳୟ ନାୟକ ଓ ଶଶାଙ୍କ ପାଢୀ, ସ୍ୱେଚ୍ଛାସେବୀ ସିଏଚ୍ ଦମୟନ୍ତୀ ଓ ରଜନୀ ମହାକୁଡ, ଗଞ୍ଜାମ ବିଡିଓ ଜ୍ୟୋତି ଶଙ୍କର ରାୟ,

**୩୧ ସୁଦ୍ଧା ଅବଶିଷ୍ଟ ସାରିବାକୁ ନିର୍ଦ୍ଦେଶ**

ମଳାଡ ସରପଞ୍ଚ ପ୍ରଭାତ କୁମାର ସେଠୀ, ସ୍ୱେଚ୍ଛାସେବୀ ବୈକୁଣ୍ଠ ମହାରଣା, ହିଞ୍ଜିଳି ବିଡିଓ ପ୍ରସନ୍ନ କୁମାର ପାତ୍ର, ନନ୍ଦିକ ସରପଞ୍ଚ ଲିଲିବାଳା ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରକାଶ ଚନ୍ଦ୍ର ନାୟକ, ଜଗନ୍ନାଥପ୍ରସାଦ ବିଡିଓ ଅଶୋକ କୁମାର ବେହୁରିଆ, ଅଳସୁଗୁମା ସରପଞ୍ଚ ହୃଷୀକେଷ ନାୟକ, ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବେହେରା, କବିସୂର୍ଯ୍ୟନଗରର ବିଡିଓ ସତ୍ୟ ସୁନ୍ଦର ରାଉତ, ସରପଞ୍ଚ ସାବିତ୍ରୀ ତାରିଣୀ, ଚିରଞ୍ଜୀବ ତାରିଣୀ, ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି, ସ୍ୱେଚ୍ଛାସେବୀ ଜଗନ୍ନାଥ ପାଣିଗ୍ରାହୀ, ସୋରଡା ବ୍ଲକ ବାଲିଛାଇ ସରପଞ୍ଚ ମନୋଜ କୁମାର ପ୍ରଧାନ ଓ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ହଳଦିଆପଦର ସରପଞ୍ଚ ଏସ୍ ରାଜେଶ୍ୱରୀ ଦୋରା ସ୍ୱେଚ୍ଛାସେବୀ ବୁଲୁ ବେହେରା, ଖଲିକୋଟ ବ୍ଲକ କଞ୍ଚଣା ସରପଞ୍ଚ ଚିତ୍ରସେନ ଘୋଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପରିଷଦ ସଭାପତି ସୁବାସ ଚନ୍ଦ୍ର ବେହେରା, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ପ୍ରିୟ ରଞ୍ଜନ ପୃଷ୍ଟି, ଆରଡବ୍ଲ୍ୟୁଏସଏସର ବ୍ରହ୍ମପୁର ଡିଭିଜନର ନିର୍ବାହୀଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାପାତ୍ର ଓ ଭଞ୍ଜନଗର ଡିଭିଜନର ନିର୍ବାହୀଯନ୍ତ୍ରୀ ଅରବିନ୍ଦ ଜେନାଙ୍କ ସମେତ ବିଡିଓ, ଯନ୍ତ୍ରୀ, ସରପଞ୍ଚ, ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ଯୁବକ ମୃତ

**ବ୍ରହ୍ମପୁର ଅଫିସ୍,୧୯।୧୧:** ବ୍ରହ୍ମପୁର-ଭୁବନେଶ୍ୱର ଜାତୀୟ ରାଜପଥର ଜଗନ୍ନାଥପୁର ଛକରେ ସୋମବାର ରାତିରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ପୁରୁଷୋତ୍ତମପୁର ଥାନା ତାରାତାରିଣୀ ନିକଟସ୍ଥ ରାଇପୁର ଗ୍ରାମର ଶଙ୍କର ରଣା (୨୩) । ଶଙ୍କର ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଯାଉଥିବା ବେଳେ ଜଗନ୍ନାଥପୁର ଛକ ନିକଟରେ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ନଂ. ଓଆର୍ ୦୨ ବିଜି ୭୮୫୭ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ଉପରେ ଶଙ୍କର ପଡିଯାଇଥିଲେ। ସଙ୍କଟାପନ୍ନ ସ୍ଥିତିରେ ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତିକରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଅପରପକ୍ଷେ ବସ୍ ଏବଂ ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ଚମାଖଣ୍ଡି ଥାନା ପକ୍ଷରୁ ସୂଚନା ମିଳିଛି ।

## ଟ୍ରକ୍ ଧକ୍କାରେ ଦୁଇ ଆହତ

ଭଞ୍ଜନଗର,୧୯।୧୧(ଡି.ଏନ.ଏ.)

ଭଞ୍ଜନଗର ଆସିକା ମୁଖ୍ୟ ରାସ୍ତାର ବାଉଁଶଲୁଣ୍ଡି ଠାରେ ସୋମବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ୨ଜଣ ଆହତ ହୋଇଛନ୍ତି। ଭଞ୍ଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିଛି। ଏଥିସହ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରିଛି। ଟିକରପଡାର ଶତ୍ରୁଘ୍ନ ପ୍ରଧାନ ଓ ମମତା ପ୍ରଧାନ ବାଇକ୍‌ରେ ମିଶି ବୁଢାକେନ୍ଦୁରୁ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଟ୍ରକଟି ପଛଆଡୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ମମତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି।

# ଗାଡି ମାଲିକଙ୍କ ମାଡରେ ଚାଳକଙ୍କ ମୃତ୍ୟୁ ଅଭିଯୋଗ

ବୁଗୁଡା,୧୯।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା କରସିଙ୍ଗି ପଞ୍ଚାୟତ ଜାମୁପଲ୍ଲୀ ଗ୍ରାମର ଜଣେ ଟିପ୍ପର ଚାଳକଙ୍କୁ ସୋମବାର ଗାଡି ମାଲିକ ଚାପୁଡା ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ନିରଞ୍ଜନ ସେନାପତି (୫୫)। ଏନେଇ ତାଙ୍କ ସ୍ତ୍ରୀ ବୁଗୁଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୮୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଜାମୁପଲ୍ଲୀ ଗ୍ରାମର ନିରଞ୍ଜନ ପ୍ରାୟ ମାସେ ହେଲା ବୁଗୁଡା ସହର ଶକ୍ତିନଗର ଅଞ୍ଚଳର ଜଣେ ଗାଡି ମାଲିକଙ୍କ ଟିପ୍ପର ଚଳାଉଥିଲେ। ପ୍ରାୟ ୭ ଦିନ ହେଲା ପୁଅର ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁ ନିରଞ୍ଜନ ଗାଡି ଚଳାଇବାକୁ ଯାଉ ନ ଥିଲେ। ସୋମବାର ସକାଳେ ସେ ଶକ୍ତିନଗରସ୍ଥିତ ମାଲିକଙ୍କ ନିକଟକୁ ଆସିଥିଲେ। ମାଲିକ ଅନୁପସ୍ଥିତ ନେଇ ଗାଳିଗୁଲଜ କରିବା ସହ ଚାପୁଡା ମାରିଥିଲେ। ନିରଞ୍ଜନଙ୍କ ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଏବଂ ସେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ପରେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ଡ଼ାକ୍ତର ଘୋଷଣା କରିଥିଲେ। ସେଠାରେ ଥିବା ଜଣେ ଆଶାକର୍ମୀ ନିରଞ୍ଜନଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଜଣାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଗାଡି ମାଲିକଙ୍କ ନିକଟକୁ ଯାଇଥିଲେ। ସେଠାରେ ସେ ଶୁଣିବାକୁ ପାଇଲେ ଯେ ମାଲିକଙ୍କ ମାଡରେ ତାଙ୍କର ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ଏନେଇ ସେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବୁଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ଦାୟିତ୍ୱରେ ଥିବା ପୋଲସରା ଥାନାଧିକାରୀ ଜିତେନ୍ଦ୍ର ମଲିକ କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ଆର.ଉଦୟଗିରି,୧୯।୧୧(ଡି.ଏନ.ଏ.)

ଆର.ଉଦୟଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ପିଣ୍ଟୁ ନାୟକ। ୧୬ ତାରିଖରେ ନାବାଳିକା ଜଣକ ଏକୁଟିଆ ପୋଖରୀକୁ ଗାଧୋଇ ଯାଉଥିବା ବେଳେ ପିଣ୍ଟୁ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ନବାଳିକାଙ୍କ ବାପା ଘଟଣା ସମ୍ପର୍କରେ ଗ୍ରାମ ବୈଠକରେ ଜଣାଇଥିଲେ। ତେବେ ଘଟଣା ଦିନଠାରୁ ପିଣ୍ଟୁ ଫେରାର ଥିବାରୁ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିଲା। ରବିବାର ସେ ଗ୍ରାମକୁ ଆସଥିବା ଜାଣି ରବିବାର ରାତିରେ ନାବାଳିକାଙ୍କ ବାପା ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ନଂ ୭୨/୧୮ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିଥିଲା । ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

## କାର୍ତ୍ତିକ ଶେଷ ସୋମବାରରେ ବୁଦ୍ଧଖୋଲରେ ଭିଡ଼



ବୁଦ୍ଧଖୋଲରେ ଭକ୍ତଙ୍କ ଭିଡ଼ ।

ବୁଗୁଡ଼ା,୧୯।୧୧(ଡି.ଏନ.ଏ.)

ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲରେ କାର୍ତ୍ତିକ ଶେଷ ସୋମବାର ଉପଲକ୍ଷେ ପଞ୍ଚ ମହାଦେବଙ୍କୁ ଦର୍ଶନ କରିବାକୁ ପ୍ରବଳ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବୁଦ୍ଧଖୋଲରେ ଗଙ୍ଗାଧରେଶ୍ୱର, ଜଗଦିଶ୍ୱର, ମକରେଶ୍ୱର, ସିଦ୍ଧେଶ୍ୱର, ବୁଦ୍ଧେଶ୍ୱର ଆଦି ପଞ୍ଚ ମହାଦେବଙ୍କୁ ଦର୍ଶନ କରିବାକୁ ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏଠାରେ ଥିବା ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଶ୍ରୀହନୁମାନ ଠାକୁର ଓ ଝରଣାର ମଜା ଭକ୍ତମାନେ ନେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବୁଦ୍ଧଖୋଲ ଉନ୍ନୟନ ସମିତିର ସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ ସଜାଗ ଥିଲେ।

# ବିଜେଡିର ଜନସମ୍ପର୍କ ରାଲି

କବିସୂର୍ଯ୍ୟନଗର,୧୯।୧୧

କବିସୂର୍ଯ୍ୟନଗର ଏନ୍‌ଏସି ବିଜେଡି ନଗର ସଭାପତି ଭଗବାନ ସ୍ୱାଇଁ ଓ ବ୍ଲକ ବିଜେଡି ସଭାପତି ସୁରଥ ପ୍ରଧାନଙ୍କ ନେତୃତ୍ୱରେ ଜନସମ୍ପର୍କ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଏନଏସି ସମେତ ସମସ୍ତ ୯ ପଞ୍ଚାୟତରେ ବାଇକ୍ ରାଲି ସହ ଜନସମ୍ପର୍କ ସଭା ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା, ଜିଲା ବିଜେଡି ସମ୍ପାଦକ ନିରଞ୍ଜନ ସାହୁ, ରାଜ୍ୟ ଜିଲା ଯୁବ ବିଜେଡି ଉପସଭାପତି ସୁରଜ କୁମାର ରେଡ୍ଡୀ, ବ୍ଲକ ଯୁବ ବିଜେଡି ସଭାପତି ବ୍ରଜ ସୁନ୍ଦର ମଳିକ, ନଗର ଯୁବ ବିଜେଡି ସଭାପତି ସୂର୍ଯ୍ୟ ନାରାୟଣ ନାୟକ, ବରିଷ୍ଠ ବିଜେଡି ନେତା ଭକ୍ତ ଚରଣ ନାୟକଙ୍କ ସମେତ ସମସ୍ତ



ବାଇକ୍ ରାଲି।

ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ। ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ସ୍ୱଚ୍ଛ, ନିର୍ମଳ, ଦୁର୍ନୀତିମୁକ୍ତ, ପ୍ରଗତିପୂର୍ଣ୍ଣ କାର୍ଯ୍ୟକୁ ନେତାମାନେ ପ୍ରଶଂସା କରିଥିଲେ। ପୁଣି ତାଙ୍କୁ ଜନହିତକର କାର୍ଯ୍ୟ କରିବାକୁ ସୁଯୋଗ ଦେବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା ।

## ଈଶାଣେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼

କନିଷି,୧୯।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମସ୍ଥିତ ଈଶାଣେଶ୍ୱର ମହାଦେବଙ୍କ ନିକଟରେ ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାର ଉପଲକ୍ଷେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଅଷ୍ଟଶମ୍ଭୁ, ରାଳବ, କୋଲଥିଗାଁ, ଭାବିନିପୁର, ଗଉଞ୍ଜୁ, ଲାଠି, ସିନ୍ଦୁରପୁର, ସୁକୁଣ୍ଡା ପ୍ରଭୃତି ଶୈବପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡିଛି।

# ଦଳରୁ ଇସ୍ତଫା ଦେଲେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି

ସୋରଡା,୧୯।୧୧(ଡି.ଏନ୍.ଏ.)

ସୋରଡା ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ପ୍ରମୋଦ ପଟ୍ଟନାୟକ ସୋମବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଏହାର ଏକ ନକଲ



ଇସ୍ତଫା ପତ୍ର।

ଜିଲା କଂଗ୍ରେସ ସଭାପତିଙ୍କ ନିକଟକୁ ମଧ୍ୟ ପଠାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁଙ୍କ ଏକାନ୍ତ ଅନୁଗତ ଥିଲେ ପ୍ରମୋଦ। ଚନ୍ଦ୍ରଶେଖର କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ସେ ମଧ୍ୟ ବିଜେଡିରେ ଯୋଗ ଦେବା ନେଇ ଶୁଣିବାକୁ ମିଳୁଥିଲା। ମାତ୍ର ଇସ୍ତଫା ପରେ ସେ କେଉଁ ଦଳରେ ଯୋଗ ଦେବେ ସେ ନେଇ କିଛି ସ୍ପଷ୍ଟ କରି ନାହାନ୍ତି।

## ଋଷିକୁଲ୍ୟା ଘାଟ, ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ଆସିକା,୧୯।୧୧ (ଡି.ଏନ୍.ଏ.):

ଆସିକା ସହର ନିକଟବର୍ତ୍ତୀ ଋଷିକୂଲ୍ୟା ନଦୀର ବିଭିନ୍ନ ଘାଟରେ ସୋମବାର ଭୋରରୁ ପଞ୍ଚକ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ସେହିପରି କାର୍ତ୍ତିକ ଶେଷ ସୋମବାର ଲାଗି ବିଭିନ୍ନ ଶୈବ ପୀଠରେ ମଧ୍ୟ ଭିଡ ଜମିଥିଲା । ଆସିକା ବ୍ଲକରେ ଥିବା ଚନ୍ଦ୍ରକକ୍ଲେଶ୍ୱର, ସୁବର୍ଣ୍ଣେଶ୍ୱର, ତ୍ରିବିକ୍ରିଶ୍ୱେର, ବାଲୁଙ୍କେଶ୍ୱର, ରାମେଶ୍ୱର, ନର୍ମଦେଶ୍ୱର, ପୁଚୁଗେଶ୍ୱର, ନୀଳକଣ୍ଠେଶ୍ୱର ଆଦି ଶୈବ ପୀଠରେ ଅପରାହ୍ନ ୩ଟା ଯାଏଁ ଭକ୍ତଙ୍କ ପୂଜାର୍ଚ୍ଚନା ଚାଲିଥିଲା । ସେହିପରି ବଡ ଏକାଦଶୀ ପାଇଁ ସୁନାମସାହିସ୍ଥିତ ବଡ ଜଗନ୍ନାଥ ମନ୍ଦିର, ବଜାର ସାହି ଓ ଖମ୍ବେଶ୍ୱରୀପାଟଣା ଜଗନ୍ନାଥ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ ଲକ୍ଷ୍ୟ କରାଯାଇଥିଲା ।

# କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର, ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ସହାୟତା ବଣ୍ଟନ

ଗୋପାଳପୁର,୧୯।୧୧

ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଦ୍ୱାରା ଗତ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରକୁ ୧୫ ଦିନର ରିଲିଫ ସହାୟତା ବଣ୍ଟନ କରାଯିବା ସହ ଦୁମୁଦୁମି ଗ୍ରାମରେ କଲ୍ୟାଣ ମଣ୍ଡପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସମ୍ମାନିତ ଅତିଥି ଭାବେ ବିଡିଓ କୁମାର ନାଗଭୂଷଣ ଉପସ୍ଥିତ ଥିଲେ। ତିତ୍‌ଲି ସହାୟତା ବାବଦରେ ପଦ୍ମପୁର ପଞ୍ଚାୟତର ୧୨୭୯ ପରିବାରକୁ ୪୪,୩୯,୦୨୫ ଟଙ୍କା ପ୍ରଦାନ କରାଯାଇଥିଲା। କରାପଲ୍ଲୀ ପଞ୍ଚାୟତର ୧୫୮୪ ପରିବାରକୁ ୫୪ ଲକ୍ଷ ୨୯ ହଜାର ୪୭୫, ଫୁଲଟା ପଞ୍ଚାୟତର ୧୯୪୭ ପରିବାରକୁ ୬୬ ଲକ୍ଷ ୫୪ ହଜାର ୮୨୫ ଟଙ୍କା, କୋଲଥିଗାଁ ପଞ୍ଚାୟତର ୧୪୪୮ ପରିବାରକୁ ୪୯ ଲକ୍ଷ ୫୦ ହଜାର ୨୨୫ ଟଙ୍କା, ଡୁରା ପଞ୍ଚାୟତର ୨୧୮୭ ପରିବାରକୁ ୭୫ ଲକ୍ଷ ୭୧ ହଜାର ୭ଶହ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଚିକରଡ଼ା ପଞ୍ଚାୟତର କ୍ଷତିଗ୍ରସ୍ତ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ଦିଆଯାଇଛି। ତିତ୍‌ଲିରେ ବାସଗୃହ ନଷ୍ଟ ହୋଇଥିବା ନେଇ ଏହି ଅବସରରେ କେତେଜଣ ବ୍ୟକ୍ତି ବିଧାୟକଙ୍କୁ ଜଣାଇଥିଲେ। ତେବେ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ପରିବାରକୁ ଗୃହ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ସହ ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ ଦାଶ, ଏସ. ଶ୍ରୀନୁ ରେଡ୍ଡୀ, ଶଶିଭୂଷଣ ମହାନ୍ତି, ବ୍ଲକ ବିଜେଡି ସଭାପତି ସିଏଚ ଭରତ ପାତ୍ର, ମଞ୍ଜୁଶ୍ରୀ ଦଳାଇ, ବିଷ୍ଣୁପ୍ରିୟା ନାୟକ, ପ୍ରକାଶ ସେଠୀ, ପ୍ରକାଶ ଚନ୍ଦ୍ର ସାମଲ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି ବିଧାୟକ ।